





# ଇସ୍ରାଏଲ୍-ଲେବାନନ୍ ଯୁଦ୍ଧବିରତି


ଲେବାନନ୍‌ରେ ଇସ୍ରାଏଲ୍‌ର ଯୁଦ୍ଧବିରତି ଘୋଷଣା ପରେ ଟାୟରରେ ଜଣେ ବ୍ୟକ୍ତି ଲେବାନନ୍‌ର ପତାକା ଉଡ଼ାଉଛନ୍ତି।

**ତେଲ୍‌ଆଭିଭ/ବେରୁଟ୍, ୨୭।୧୧**

ହେଜ୍‌ବୋଲ୍ଲା ବିରୋଧରେ ଅନେକ ମାସର ଯୁଦ୍ଧ ପରେ ମଧ୍ୟପ୍ରାଚ୍ୟକୁ ଶାନ୍ତି ଫେରାଇ ଆଣିବା ପାଇଁ ସାରା ବିଶ୍ୱରୁ ଆହ୍ୱାନ ଦିଆଯିବାରୁ ଲେବାନନ୍‌ରେ ଇସ୍ରାଏଲ୍ ପକ୍ଷରୁ ଅସ୍ତ୍ରବିରତି କରାଯାଇଛି। କିନ୍ତୁ ଗାଜାରେ ପାଲେଷ୍ଟିନୀୟ ଆତଙ୍କବାଦୀ ସଙ୍ଗଠନ ହମାସ୍‌କୁ ସମୂଳେ ନିପାତ ନ କରିବା ଯାଏ ଯୁଦ୍ଧ ଜାରି ରହିବ ବୋଲି ଇସ୍ରାଏଲ୍ କହିଛି। ଏଭଳି ସ୍ଥିତିରେ ଗାଜାବାସୀ ମଧ୍ୟ ଯୁଦ୍ଧବିରତିକୁ ଅପେକ୍ଷା କରି ରହିଛନ୍ତି। ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କ୍ୟାବିନେଟ ବୈଠକରେ ଆମେରିକା ଓ ଫ୍ରାନ୍ସ ମଧ୍ୟସ୍ଥତାରେ ମଙ୍ଗଳବାର ଦିଆଯାଇଥିବା ଯୁଦ୍ଧବିରତି ପ୍ରସ୍ତାବକୁ ଅନୁମୋଦନ କରାଯାଇଛି। ପ୍ରସ୍ତାବ ସପକ୍ଷରେ ୧୦ ଓ ବିରୋଧରେ ଗୋଟିଏ ଭୋଟ ପଡ଼ିଥିଲା। ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ଏହାକୁ 'ଶୁଭ ଖବର' ବୋଲି କହିଛନ୍ତି। ଭାରତୀୟ ସମୟ ଗୁରୁବାର ସକାଳ ୭ଟା ୩୦ରୁ ଏହା ଲାଗୁହୋଇଛି। ଅନ୍ୟପକ୍ଷେ ୧୯୯୦ରୁ ଲେବାନନ୍‌ରେ ଗୃହଯୁଦ୍ଧ ଚଳାଇଥିବା ହେଜ୍‌ବୋଲ୍ଲା ଏହି ଶାନ୍ତି ଆଲୋଚନାରେ ସାମିଲ ହୋଇନାହିଁ। ଲେବାନନ୍ ସଂସଦର ବାଚସ୍ପତି ନବିହ ବେରି ହେଜ୍‌ବୋଲ୍ଲା ତରଫରୁ ଆଲୋଚନାରେ ପ୍ରତିନିଧିତ୍ୱ କରିଥିଲେ। ଯୁଦ୍ଧବିରତି ବେଳେ ଉଭୟ ପକ୍ଷ ଅସ୍ତ୍ର ଚଳାଇବେ ନାହିଁ। ହେଜ୍‌ବୋଲ୍ଲା ଏହାର ଉଲ୍ଲଂଘନ କଲେ ଇସ୍ରାଏଲ୍ କଡ଼ା ଜବାବ ଦେବ ବୋଲି ନେତାନ୍ୟାହୁ ସ୍ପଷ୍ଟ କରିଛନ୍ତି। ଇତିମଧ୍ୟରେ ଇସ୍ରାଏଲୀ ବଳ ଦକ୍ଷିଣ ଲେବାନନ୍‌ରେ କର୍ଫ୍ୟୁ ଜାରି କରିଛି।

# ଶପଥ ଗ୍ରହଣ ସ୍ଥଳରେ ପ୍ରସ୍ତୁତି ସମୀକ୍ଷାକଲେ ହେମନ୍ତ ସୋରେନ୍



**ରାଞ୍ଚି, ୨୭।୧୧**

ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ୍ ଗୁରୁବାର ରାଜ୍ୟର ଚତୁର୍ଦ୍ଦଶ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେବେ। ଏହାପୂର୍ବରୁ ସେ ବୁଧବାର ରାଞ୍ଚିସ୍ଥିତ ମୋରହାବାଦି ମୈଦାନରେ ନୂଆ ସରକାରଙ୍କ ଶପଥ ଗ୍ରହଣ ସମାରୋହକୁ ନେଇ ଚାଲିଥିବା ପ୍ରସ୍ତୁତିର ସମୀକ୍ଷା କରିଛନ୍ତି। ଏହି ଅବସରରେ ହେମନ୍ତଙ୍କୁ ଅଧିକାରୀମାନେ ସମାରୋହ ସ୍ଥଳରେ ମଞ୍ଚ ନିର୍ମାଣ, ସାଜସଜ୍ଜା, ବିଦ୍ୟୁତ, ଧ୍ୱନି ତଥା ସୁରକ୍ଷା ବ୍ୟବସ୍ଥା ଏବଂ ଅତିଥି ସ୍ୱାଗତ ସତ୍କାର ଓ ଆଗନ୍ତୁକମାନଙ୍କ ବସିବା ବ୍ୟବସ୍ଥାକୁ ନେଇ ଅବଗତ କରାଇଛନ୍ତି। ହେମନ୍ତ କହିଛନ୍ତି, ସମାରୋହ ସ୍ଥଳ ପର୍ଯ୍ୟନ୍ତ ଯାତାୟାତ ଏବଂ ଯାନବାହନ ପାର୍କିଂର ଉଚିତ୍ ବ୍ୟବସ୍ଥା କରାଯିବା ଆବଶ୍ୟକ, ଯଦ୍ଵାରା କୌଣସି ସ୍ତରରେ କାହା ପାଇଁ କୌଣସି ଅସୁବିଧା ନ ଉପୁଜିବ। ସେ ଅଧିକାରୀମାନଙ୍କୁ ଆହୁରି କହିଛନ୍ତି ଯେ, ଶପଥ ଗ୍ରହଣ ଫଳରେ ପାନୀୟ ଜଳ ସହିତ ଅନ୍ୟ ସମସ୍ତ ଜରୁରୀ ସୁବିଧା ଉପଲବ୍ଧ ହେବା ଆବଶ୍ୟକ। ଏହି ଅବସରରେ ବିଧାୟିକା କଳ୍ପନା ସୋରେନ୍, ମୁଖ୍ୟ ସଚିବ ଅଲକା ତିୱାରୀ, ଉଚ୍ଚ ମୁଖ୍ୟ ସଚିବ ଅବିନାଶ କୁମାର, ପ୍ରଧାନ ସଚିବ ବନ୍ଦନା ଦାଦେଲ, ସଚିବ ଅମିତାଭ କୌଶଲ, ରାଞ୍ଚି ଉପାୟୁକ୍ତ ବରୁଣ ରଞ୍ଜନ, ବରିଷ୍ଠ ପୋଲିସ ଅଧୀକ୍ଷକ ଚନ୍ଦନ ସିହ୍ନା ଏବଂ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ବାନ୍ଧବୀଙ୍କୁ ହତ୍ୟାକରି ୫୦ ଖଣ୍ଡକଲେ ଯୁବକ

**ରାଞ୍ଚି, ୨୭।୧୧ (ପି.ଟି.)**

ଝାଡ଼ଖଣ୍ଡ ଖୁଣ୍ଟି ଜିଲାର ଉପାନ୍ତ ଅଞ୍ଚଳରୁ ବୁଧବାର ଏକ ଚାଞ୍ଚଲ୍ୟକର ହତ୍ୟାକାଣ୍ଡ ସାମ୍ନାକୁ ଆସିଛି। କଂସେଇ ଭାବେ କାର୍ଯ୍ୟ କରୁଥିବା ନରେଶ ଭେଙ୍ଗରା ନାମକ ଜଣେ ୨୫ ବର୍ଷୀୟ ଯୁବକ ନିଜ ବାନ୍ଧବୀଙ୍କୁ ହତ୍ୟା କରିବା ସହ ତାଙ୍କ ଶରୀରକୁ ୫୦ ଖଣ୍ଡ କରି କାଟିଦେଇଛନ୍ତି। ସ୍ଥାନୀୟ ଜରିଆଗଡ଼ ଥାନା ଜୋର୍ଡାଗ ଗ୍ରାମରେ ନରେଶ ପୂର୍ବରୁ ଜଣେ ୨୪ ବର୍ଷୀୟା ଯୁବତୀଙ୍କ ଦେଢ଼ ବର୍ଷ ପାଇଁ ଲିଭ୍-ଇନ୍ ସମ୍ପର୍କରେ ରହିଥିଲେ। ପରେ କାମ ଖୋଜିବା ପାଇଁ ପୀଡ଼ିତା ଯୁବତୀ ତାମିଲନାଡୁ ପଳାଇଥିଲେ। ଏହାରି ମଧ୍ୟରେ ନରେଶ ଅନ୍ୟ ଜଣେ ମହିଳାଙ୍କୁ ବିବାହ କରିଥିଲେ। ତାଙ୍କର ଗୋଟିଏ ପୁଅ ମଧ୍ୟ ରହିଛି। ଗତ ୨୪ରେ ପୀଡ଼ିତା ଯୁବତୀ ଝାଡ଼ଖଣ୍ଡ ଆସିଥିଲେ ଓ ନରେଶଙ୍କ ଦ୍ୱିତୀୟ ବିବାହକୁ ବିରୋଧ କରିଥିଲେ। ପୀଡ଼ିତାଙ୍କ ସହ ନରେଶଙ୍କ ପ୍ରବଳ ଝଗଡ଼ା ହୋଇଥିଲା। ସେ ଉତ୍ତେଜିତ ହୋଇ ପୀଡ଼ିତାଙ୍କ ଗଳା ଚିପି ହତ୍ୟା କରିଥିଲେ ଏବଂ ପରେ କୁରାଢ଼ିରେ ତାଙ୍କ ଶରୀରକୁ କାଟି ୫୦ ଖଣ୍ଡକରି ଦେଇଥିଲେ। ପରେ ନରେଶ ଯୁବତୀଙ୍କ ଶରୀରର ଖଣ୍ଡଗୁଡ଼ିକୁ ମାଟିରେ ପୋତି ଦେଇଥିଲେ। ପୋଲିସ ବୁଧବାର ଅଭିଯୁକ୍ତ ନରେଶଙ୍କୁ ଗିରଫ କରିବା ସହ ଘଟଣାର ପର୍ଦ୍ଦାଫାଶ କରିଛି।

# ଦଳିତ ନାବାଳିକାଙ୍କୁ ଗଣବଳାତ୍କାର

## ପ୍ରିନ୍ସିପାଲଙ୍କ ସମେତ ୪ ସରକାରୀ କର୍ମଚାରୀ ଗିରଫ

**ରାୟପୁର, ୨୭।୧୧**

ଛତିଶଗଡ଼ର ଜଣେ ଦଳିତ ନାବାଳିକାଙ୍କୁ ତାଙ୍କ ସ୍କୁଲର ପ୍ରିନ୍ସିପାଲ, ପ୍ରଧାନ ଶିକ୍ଷକ, ଶିକ୍ଷକ ଓ ଜଣେ ଫରେଷ୍ଟ ଡେପୁଟି ରେଞ୍ଜର ଗଣବଳାତ୍କାର କରିଛନ୍ତି। ମହେନ୍ଦ୍ରଗଡ଼-ଚିରିମିରି-ଭରତପୁର ଜିଲାରେ ଏହି ଘଟଣା ଘଟିଛି। ଏକାଦଶ ଶ୍ରେଣୀରେ ପଢୁଥିବା ୧୭ ବର୍ଷୀୟା ଝିଅ ଗତ ୧୫ ତାରିଖରେ କମ୍ପ୍ୟୁଟର କ୍ଲାସ୍ ସାରି ଫେରୁଥିବାବେଳେ ଜଣେ ଶିକ୍ଷକ ତାଙ୍କୁ ଘରେ ଛାଡ଼ିଦେବାକୁ କହିଥିଲେ। ଶିକ୍ଷକ ତାଙ୍କୁ ଏକ ଭଡ଼ାଘରକୁ ନେଇଯାଇଥିଲେ। ସେଠାରେ ପୂର୍ବରୁ ଅନ୍ୟ ଅଭିଯୁକ୍ତମାନେ ଅପେକ୍ଷା କରିଥିଲେ। ନାବାଳିକାଙ୍କୁ ଜଣେ ପରେ ଜଣେ ବଳାତ୍କାର କରିଥିଲେ। ଏପରି କି ବଳାତ୍କାର ବେଳର ଦୃଶ୍ୟକୁ ସେମାନେ ଶୁଟିଂ କରି କାହା ଆଗରେ ମୁହଁ ଫିଟାଇଲେ ଭାଇରାଲ କରିଦେବେ ବୋଲି ଧମକ ଦେଇଥିଲେ। ପୀଡ଼ିତାଙ୍କ ଅଭିଯୋଗକ୍ରମେ ପୋଲିସ ମାମଲା ରୁଜୁକରି ୪ ଅଭିଯୁକ୍ତଙ୍କୁ ଗିରଫ କରିଛି।

# ପ୍ରତି ୫ରେ ଜଣେ ନାବାଳିକା ବାଲ୍ୟବିବାହର ଶିକାର

**ନୂଆଦିଲ୍ଲୀ, ୨୭।୧୧**

ଗତ ବର୍ଷକ ମଧ୍ୟରେ ଦେଶରେ ପ୍ରାୟ ୨ ଲକ୍ଷ ବାଲ୍ୟବିବାହକୁ ରୋକାଯାଇଛି। ଏହାସତ୍ତ୍ୱେ ପ୍ରତି ୫ ଜଣରେ ଜଣେ ଝିଅ ବିବାହ ବୟସ ୧୮ ବର୍ଷରେ ଉପନୀତ ହେବା ପୂର୍ବରୁ ବାଲ୍ୟବିବାହର ଶିକାର ହେଉଥିବା ବୁଧବାର ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ଅନ୍ନପୂର୍ଣ୍ଣା ଦେବୀ ସୂଚନା ଦେଇଛନ୍ତି। କେନ୍ଦ୍ର ସରକାରଙ୍କ ପକ୍ଷରୁ ବୁଧବାର 'ବାଲବିବାହ ମୁକ୍ତ ଭାରତ' ଅଭିଯାନ ଆରମ୍ଭ କରାଯାଇଛି। ଏହି ଅବସରରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଯୋଗଦେଇ କେନ୍ଦ୍ରମନ୍ତ୍ରୀ ଅର୍ଣ୍ଣପୂର୍ଣ୍ଣା କହିଛନ୍ତି, ୨୦୨୫ ସୁଦ୍ଧା ବାଲ୍ୟବିବାହ ହାରକୁ ୫% ତଳକୁ ରଖିବାକୁ ହେଲେ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକୁ ନିର୍ଦ୍ଦିଷ୍ଟ ଭାବେ ଆକ୍ସନ ପ୍ଲାନ୍ ପ୍ରସ୍ତୁତ କରିବାକୁ ପଡ଼ିବ। ବାଲ୍ୟବିବାହ ମୁକ୍ତ ଅଭିଯାନ ସର୍ବାଧିକ ବୋଝଗ୍ରସ୍ତ ୭ ରାଜ୍ୟ ପଶ୍ଚିମବଙ୍ଗ, ବିହାର, ଝାଡ଼ଖଣ୍ଡ, ରାଜସ୍ଥାନ, ତ୍ରିପୁରା, ଆସାମ ଓ ଆନ୍ଧ୍ରପ୍ରଦେଶକୁ ଫୋକସ୍ କରିବ। ୩୦୦ ଜିଲାରେ ଜାତୀୟ ହାରଠାରୁ ଅଧିକ ବାଲ୍ୟବିବାହ କରାଯାଉଥିବାରୁ ଏହାକୁ ଏକ ମାନବାଧିକାର ଉଲ୍ଲଂଘନ ଏବଂ ଆପରାଧିକ କାର୍ଯ୍ୟ ବୋଲି ମନ୍ତ୍ରୀ କହିଛନ୍ତି।

# ୨୦୨୪ରେ ଭାରତୀୟ ବିମାନକୁ ମିଳିଛି ୯୯୪ ବୋମା ଧମକ କଲ୍

**ନୂଆଦିଲ୍ଲୀ, ୨୭।୧୧**

ଚଳିତ ବର୍ଷ ଭାରତୀୟ ଏୟାରଲାଇନ୍ସଗୁଡ଼ିକର ବିଭିନ୍ନ ବିମାନକୁ ବୋମାରେ ଉଡ଼ାଇଦେବାକୁ ସମୁଦାୟ ୯୯୪ ଥର ଧମକପୂର୍ଣ୍ଣ କଲ୍ ଆସିଛି। ବୁଧବାର ରାଜ୍ୟ ସଭାରେ ପ୍ରଶ୍ନକାଳ ଚାଲିଥିବାବେଳେ ରାଜ୍ୟ ସଭା ସଦସ୍ୟ କାର୍ତ୍ତିକେୟ ଶର୍ମାଙ୍କ ଏକ ପ୍ରଶ୍ନର ଉତ୍ତରରେ ବେସାମରିକ ବିମାନ ଚଳାଚଳ ରାଷ୍ଟ୍ରମନ୍ତ୍ରୀ ମୁରଲୀଧର ମୋହୋଲ ଏହି ସୂଚନା ଦେଇଛନ୍ତି। ୨୦୨୨ ଅଗଷ୍ଟରୁ ଚଳିତ ବର୍ଷ ନଭେମ୍ବର ୧୩ ପର୍ଯ୍ୟନ୍ତ ସମୁଦାୟ ୧୧୪୩ ବୋମା ଧମକ ମିଳିଛି। ୨୦୨୨ ଅଗଷ୍ଟରୁ ଡିସେମ୍ବର ମଧ୍ୟରେ ଭାରତୀୟ ବିମାନଗୁଡ଼ିକୁ ୨୭ ଥର ବୋମା ଧମକ କଲ୍ ଆସିଥିବାବେଳେ ୨୦୨୩ରେ ଏହି ସଂଖ୍ୟା ବଢ଼ି ୧୨୨ରେ ପହଞ୍ଚିଥିଲା। ତେବେ ତଦନ୍ତ ପରେ ସମସ୍ତ ଧମକ ଗୁଜବ ସାବ୍ୟସ୍ତ ହୋଇଥିବା ମୋହୋଲ କହିଛନ୍ତି।

# ୬.୬୯ ଲକ୍ଷ ସିମ୍ କାର୍ଡ ବ୍ଲକ୍ କରିଛି କେନ୍ଦ୍ର

**ନୂଆଦିଲ୍ଲୀ, ୨୭।୧୧**

ସାଇବର ଅପରାଧ ରୋକିବା ପାଇଁ କେନ୍ଦ୍ର ସରକାର ୬.୬୯ ଲକ୍ଷ ସିମ୍ କାର୍ଡ ଏବଂ ୧.୩୨ ଲକ୍ଷ ଇଣ୍ଟରନ୍ୟାଶନାଲ ମୋବାଇଲ ଇକ୍ୱିପ୍‌ମେଣ୍ଟ ଆଇଡେଣ୍ଟିଟି (ଆଇଏମ୍ଇଆଇ) ନମ୍ବରକୁ ବ୍ଲକ୍ କରିଛନ୍ତି। ପୋଲିସ ଅଧିକାରୀମାନଙ୍କ ରିପୋର୍ଟ କ୍ରମେ ନଭେମ୍ବର ୧୫ ସୁଦ୍ଧା ଏହି ପଦକ୍ଷେପ ନିଆଯାଇଥିବା ବୁଧବାର ରାଜ୍ୟ ସଭାରେ ଏକ ପ୍ରଶ୍ନର ଲିଖିତ ଉତ୍ତରରେ ସ୍ୱରାଷ୍ଟ୍ର ରାଷ୍ଟ୍ରମନ୍ତ୍ରୀ ବନ୍ଦୀ ସଞ୍ଜୟ କୁମାର ଏହା ଜଣାଇଛନ୍ତି।

# ଟ୍ରେନ୍ ଦୁର୍ଘଟଣା: ୫ ବର୍ଷରେ ୩୧୩ କୋଟି କ୍ଷତି

**ନୂଆଦିଲ୍ଲୀ, ୨୭।୧୧**

ଦେଶରେ ଗତ ୫ ବର୍ଷରେ ଘଟିଥିବା ଟ୍ରେନ୍ ଦୁର୍ଘଟଣାରେ ୩୧୩ କୋଟି ଟଙ୍କାର ରେଲୱେ ସମ୍ପତ୍ତି କ୍ଷତିଗ୍ରସ୍ତ ହୋଇଥିବା ସରକାରଙ୍କ ପକ୍ଷରୁ ବୁଧବାର ଲୋକ ସଭାରେ ସୂଚନା ଦିଆଯାଇଛି। ଏକ ପ୍ରଶ୍ନର ଲିଖିତ ଉତ୍ତରରେ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି, ୨୦୧୯ ଏପ୍ରିଲରୁ ୨୦୨୪ ମାର୍ଚ୍ଚ ମଧ୍ୟରେ ଘଟିଥିବା ଟ୍ରେନ୍ ଦୁର୍ଘଟଣାଗୁଡ଼ିକରେ ରେଳପଥକୁ ମୋଟ ୩୧୩ କୋଟି ଟଙ୍କାର କ୍ଷତି ସହିବାକୁ ପଡ଼ିଛି। ତେବେ ରେଳ ମନ୍ତ୍ରଣାଳୟ ପକ୍ଷରୁ ନିଆଯାଉଥିବା ସୁରକ୍ଷା ପଦକ୍ଷେପ ଯୋଗୁ ଦୁର୍ଘଟଣା ହାର କମିବାରେ ଲାଗିଛି। ୨୦୧୪-୧୫ରେ ୧୩୫ ଟ୍ରେନ୍ ଦୁର୍ଘଟଣା ଘଟିଥିବାବେଳେ ୨୦୨୩-୨୪ ଆର୍ଥିକ ବର୍ଷରେ ଏହି ସଂଖ୍ୟା ୪୦କୁ ଖସିଆସିଥିବା ବୈଷ୍ଣବ ସୂଚନା ଦେଇଛନ୍ତି।









## ସଂକ୍ଷେପରେ

### ଫୁଲଗଛ ଚୋରି କରି ଥାନାରେ ଅଟକ ପର୍ଯ୍ୟଟକ

ବାରଙ୍ଗ, ୨୭।୧୧ (ଲିଙ୍ଗରାଜ ରାଉତ)

ରାଜ୍ୟଉଦ୍ଭିଦ ଉଦ୍ୟାନରେ ଫୁଲଗଛ ଚୋରି କରି ଫେରାର ହେଉଥିବା ଜଣେ ପର୍ଯ୍ୟଟକଙ୍କୁ କାବୁ କରି କର୍ତ୍ତୃପକ୍ଷ ନନ୍ଦନକାନନ ଥାନାକୁ ହସ୍ତାନ୍ତର କରିଛନ୍ତି। ମଙ୍ଗଳବାର ଜଣେ ପର୍ଯ୍ୟଟକଉଦ୍ଭିଦ ଉଦ୍ୟାନ ବୁଲି ସାରି ଉଦ୍ୟାନର ହାଇଡ୍ରା ଗାର୍ଡେନରୁ ୮ଟି ଫୁଲଗଛ ଚୋରି କରି ଏକ କାର୍ ଯୋଗେ ନେଇ ଫେରାର ହୋଇଯାଉଥିଲେ। ଏହି ଖବର ପାଇ କାର୍ଯ୍ୟରତ କର୍ମଚାରୀ ତାଙ୍କ ଗାଡ଼ି ଯାଞ୍ଚ କରି ଫୁଲଗଛ ବାହାର କରିଥିଲେ। ଖବରପାଇ ଉଦ୍ଭିଦ ଉଦ୍ୟାନ କର୍ତ୍ତୃପକ୍ଷ ଘଟଣାସ୍ଥଳରେ ପହଞ୍ଚି ଉକ୍ତ ପର୍ଯ୍ୟଟକଙ୍କଠାରୁ ଫୁଲଗଛ ଜବତକରି ପୋଲିସକୁ ହସ୍ତାନ୍ତର କରିଛନ୍ତି। ପୋଲିସ ପର୍ଯ୍ୟଟକଙ୍କୁ ଥାନାରେ ଅଟକ ରଖି ପଚରାଉଚରା ଚଳାଇଛି।

### ଆଉଟ୍‌ରିଚ୍ ପକ୍ଷରୁ ଇଭେଣ୍ଟ ମ୍ୟାନେଜମେଣ୍ଟ କର୍ମଶାଳା

ଭୁବନେଶ୍ୱର, ୨୭।୧୧ (ବନ୍ଦନା ସେଠୀ) – ଆଉଟ୍‌ରିଚ୍ ପକ୍ଷରୁ ଭୁବନେଶ୍ୱରରେ ଆୟୋଜିତ ହେବ ୭ଦିନିଆ ଇଭେଣ୍ଟ ମ୍ୟାନେଜମେଣ୍ଟ କର୍ମଶାଳା। ଇଭେଣ୍ଟ ମ୍ୟାନେଜମେଣ୍ଟ କ୍ଷେତ୍ରରେ ଦୀର୍ଘ ଅଭିଜ୍ଞତା ଥିବା ବ୍ୟକ୍ତିବିଶେଷ ଯୋଗଦେଇ ପ୍ରଶିକ୍ଷାର୍ଥୀମାନଙ୍କୁ ଯୋଜନା ପ୍ରସ୍ତୁତି, ଇଭେଣ୍ଟ, ବଜେଟ ପ୍ରସ୍ତୁତି, ମାର୍କେଟିଂ, ଆଙ୍କରିଂ, ପବ୍ଲିସିଟି, ମିଟିଂ ଓ ମନୋରଞ୍ଜନ କାର୍ଯ୍ୟକ୍ରମ ପରିଚାଳନା ଭଳି ବିଭିନ୍ନ କ୍ଷେତ୍ରରେ ଟ୍ରେନିଂ ଦେବେ। ଟ୍ରେନିଂରେ ପ୍ରାକ୍ଟିକାଲ ଉପରେ ବିଶେଷ ଗୁରୁତ୍ୱ ଦିଆଯିବ। ଅଂଶଗ୍ରହଣକାରୀମାନେ ବିଭିନ୍ନ ଜାତୀୟ ଅନ୍ତର୍ଜାତୀୟ ଇଭେଣ୍ଟରେ କାର୍ଯ୍ୟ କରିବାର ସୁଯୋଗ ପାଇବେ ବୋଲି ଆଉଟ୍‌ରିଚ ମୁଖ୍ୟ ସୁବ୍ରତ କୁମାର ପତି ସୂଚନା ଦେଇଥିଲେ। ଟ୍ରେନିଂ ଶେଷରେ ସମସ୍ତ ଅଂଶଗ୍ରହଣକାରୀଙ୍କୁ ପ୍ରମାଣପତ୍ର ମଧ୍ୟ ଦିଆଯିବ। ଏଥିରେ ସାମିଲ ହେବା ପାଇଁ ଶିକ୍ଷାଗତ ଯୋଗ୍ୟତା ଅତି କମରେ ଯୁକ୍ତ୨ ହୋଇଥିବା ଆବଶ୍ୟକ। ଭାଗନେବାକୁ ଚାହୁଁଥିବା ବ୍ୟକ୍ତିଙ୍କ ପାଇଁ କୌଣସି ନିର୍ଦ୍ଦିଷ୍ଟ ବୟସସୀମା ରଖାଯାଇ ନାହିଁ ବୋଲି ସୂଚନା ଦିଆଯାଇଛି।

### ପାଇପ୍ କମ୍ପାନୀରୁ ଚୋରି, ଜଣେ ଗିରଫ

ଯାଁଳା, ୨୭।୧୧ (ବୁଲା ବାରିକ)

ଏକ ପାଇପ୍ କମ୍ପାନୀରୁ ଚୋରି କରିଥିବା ଅଭିଯୋଗରେ ବୁଧବାର ଇନ୍‌ଫୋଭ୍ୟାଲି ଥାନା ପୋଲିସ ଜଣଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ଇନ୍‌ଫୋଭ୍ୟାଲି ଥାନା ଅଲକର ମୌଜାରେ ରହୁଥିବା ବୁଦ୍ଧେଶ୍ୱର ବାରିକ୍। ପୋଲିସ ତାଙ୍କଠାରୁ ଚୋରା ପାଇପ୍ ଓ ଏକ ଅଟୋ ଜବତ କରିଛି।

# ଅବସର ପରେ ପୁନଃ ନିଯୁକ୍ତିକୁ ବିରୋଧ

## ନିର୍ମାଣ ସୌଧରେ ତାଲା ପକାଇ ଆଶାୟୀ ଇଞ୍ଜିନିୟରଙ୍କ ଧାରଣା

ଭୁବନେଶ୍ୱର, ୨୭।୧୧ (ସୁଚିସ୍ମିତା ସାହୁ)




ରାଜ୍ୟରେ ଦିନକୁ ଦିନ ଶିକ୍ଷିତ ବେକାରି ସମସ୍ୟା ବଢ଼ି ଚାଲିଛି। ଲକ୍ଷ ଲକ୍ଷ ମେଧାବୀ ଛାତ୍ରୀଛାତ୍ର ସାର୍ଟିଫିକେଟ ଧରି ଘରେ ବସିଛନ୍ତି। ସେମାନେ ସରକାରୀ ନିଯୁକ୍ତି ବିଜ୍ଞାପନକୁ ଅପେକ୍ଷା କରି ରହିଛନ୍ତି। ହେଲେ ପୂର୍ତ୍ତ ବିଭାଗ ପକ୍ଷରୁ ଅବସରପ୍ରାପ୍ତ କର୍ମଚାରୀଙ୍କୁ ପୁନଃ ନିଯୁକ୍ତି ନେଇ ବିଜ୍ଞାପନ ପ୍ରକାଶ ପାଇଥିବାରୁ ଚାକିରିକୁ ଚାହିଁ ବସିଥିବା ମେଧାବୀ ଇଞ୍ଜିନିୟରିଂ ଛାତ୍ରୀଛାତ୍ରଙ୍କୁ ଏହା ବଡ ଝଟକା ଦେଇଛି। ଏହାକୁ ବିରୋଧ କରି ବୁଧବାର ଓଡ଼ିଶା ଡିପ୍ଲୋମା ଇଞ୍ଜିନିୟର୍ସ ୱେଲ୍‌ଫେୟାର ଆସୋସିଏଶନ ପକ୍ଷରୁ ନିର୍ମାଣ ସୌଧ ଘେରାଉ କରାଯିବା ସହ ଗେଟ୍‌ରେ ତାଲା ପକାଇ ପ୍ରତିବାଦ କରିଥିଲେ। ସଂଘ ଉପଦେଷ୍ଟା ବିଭୂତି ଭୂଷଣ ମହାପାତ୍ର ଓ ସଭାପତି କୃତିଦୀପ୍ତ ନାୟକଙ୍କ ନେତୃତ୍ୱରେ ଶହ ଶହ ଡିପ୍ଲୋମା ଇଞ୍ଜିନିୟର ନିର୍ମାଣ ସୌଧ ଗେଟ୍‌ରେ ତାଲା ପକାଇ ଧାରଣା ଦେଇଥିଲେ। ନଭେମ୍ବର ୧୬ରେ ପୂର୍ତ୍ତ ବିଭାଗ ପକ୍ଷରୁ ୨୩୫ ସହକାରୀ ନିର୍ବାହୀ ଯନ୍ତ୍ରୀ ଓ ୬୩୧ କନିଷ୍ଠ ଯନ୍ତ୍ରୀ ପଦବୀ ପୂରଣ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଏଥିରେ ଅବସରପ୍ରାପ୍ତ କର୍ମଚାରୀମାନେ ପୁନଃ ଆବେଦନ କରିବାକୁ ଲେଖାଯାଇଥିଲା, ଯାହାକୁ ନେଇ ସାରା ରାଜ୍ୟର ଚାକିରି ଆଶାୟୀ ମେଧାବୀ ଇଞ୍ଜିନିୟର୍ସମାନେ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି। ପୂର୍ତ୍ତ ବିଭାଗର ଏଭଳି କାର୍ଯ୍ୟଧାରାକୁ ଜୋରଦାର ବିରୋଧ କରାଯିବ ବୋଲି ସଂଘ ଉପଦେଷ୍ଟା ମହାପାତ୍ର କହିଛନ୍ତି। ତେବେ ଦୀର୍ଘ ସମୟ ଧରି ଧାରଣା ଚାଲିବା ପରେ ପୂର୍ତ୍ତ ବିଭାଗର ଅତିରିକ୍ତ ସଚିବଙ୍କ ସହ ଏକ ଚାରିଜଣିଆ ପ୍ରତିନିଧି ମଣ୍ଡଳୀଙ୍କ ଆଲୋଚନା ହୋଇଥିଲା। ଏହି ଘଟଣାକୁ ସରକାରଙ୍କ ଦୃଷ୍ଟିକୁ ଆଣିବେ ବୋଲି ଅତିରିକ୍ତ ସଚିବ କହିବା ପରେ ସମସ୍ତେ ଧାରଣାରୁ ଉଠିଥିଲେ। ସଂଘ ସଦସ୍ୟ ହିମାଂଶୁ ମହାନ୍ତି, ପପୁ ମାଝୀ, ସମୀର ଦାସଙ୍କ ସମେତ ବହୁ ଡିପ୍ଲୋମା ଇଞ୍ଜିନିୟର୍ସ ଯୋଗଦେଇଥିଲେ।

# ଗୋଡ଼ିବାରିକୁ ଆସିଲେ ୨ ହାତୀଛୁଆ

ବାରଙ୍ଗ, ୨୭।୧୧ (ଲିଙ୍ଗରାଜ ରାଉତ)

ଚନ୍ଦକା ଅଭୟାରଣ୍ୟର ଗୋଡ଼ିବାରିସ୍ଥିତ କୁମାରଖୁଣ୍ଟି ହାତୀ ଲାଳନପାଳନ କେନ୍ଦ୍ରକୁ ୨ ହାତୀ ଛୁଆ ଆସିଛନ୍ତି। ରବିବାର ରାତିରେ କେନ୍ଦୁଝରରୁ ୨ ମାସର ଗୋଟିଏ ଅଣ୍ଡିରା ହାତୀଛୁଆ ଅଣାଯାଇଥିବାବେଳେ ସୋମବାର ବିଳମ୍ବିତ ରାତିରେ ପୁଣି ଗୋଟିଏ ୪ ମାସର ମାଈ ହାତୀଛୁଆ ଭବାନୀପାଟଣାରୁ ଉଦ୍ଧାର ହୋଇ ଆସିଛି। ମାଈ ହାତୀଛୁଆଟି ଜଙ୍ଗଲରେ ମା' ସହ ବୁଲୁଥିବାବେଳେ ମା' ହାତୀର ବିଦ୍ୟୁତ୍ ଆଘାତରେ ମୃତ୍ୟୁ ହୋଇଥିଲା। ପରେ ଛୁଆହାତୀଟି ଏଣେତେଣେ ବୁଲୁଥିଲା। ବନ କର୍ମଚାରୀ ହାତୀଛୁଆଟିକୁ ଉଦ୍ଧାର କରି ପ୍ରାଥମିକ ଚିକିତ୍ସା କରି ଚନ୍ଦକା ଗୋଡ଼ିବାରିରେ ଆଣି ଛାଡ଼ିଛନ୍ତି। ଏଠାକୁ ଆସିବା ପରେ ମଙ୍ଗଳବାର 'ରାଧିକା' ନାମ ପରିବର୍ତ୍ତନ କରି 'ରାଧା' ଏବଂ 'ଜଗୁ'ର ନାମ ପରିବର୍ତ୍ତନ କରି 'କାହ୍ନା' ନାମକରଣ କରାଯାଇଛି। ସେହିଭଳି ରାଉରକେଲାରୁ ଆସି ନନ୍ଦନକାନନରେ ଥିବା ହାତୀଛୁଆ 'ସୀମା' ମଧ୍ୟ ଏହି ଲାଳନପାଳନ କେନ୍ଦ୍ରକୁ ଆସିଛି। ଏହି ୩ଟି ହାତୀଛୁଆଙ୍କୁ ମିଶାଇ ଗୋଡ଼ିବାରିରେ ସମୁଦାୟ ହାତୀ ସଂଖ୍ୟା ୮ରେ ପହଞ୍ଚିଥିବା ଡିଏଫ୍‌ଓ ଶରତ ଚନ୍ଦ୍ର ବେହେରା ସୂଚନା ଦେଇଛନ୍ତି।







ଭୁବନେଶ୍ୱରରେ ଆସନ୍ତା ୨୯ରୁ ଆୟୋଜିତ ହେବାକୁ ଥିବା ତିନିଦିନିଆ ଡିଜି-ଆଇଜି ସମ୍ମିଳନୀ ପୂର୍ବରୁ ବୁଧବାର ରାଜ୍ୟ ଅତିଥି ଭବନଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପ୍ରସ୍ତୁତିର ସମୀକ୍ଷା କରୁଛନ୍ତି।

# ଡିଜି-ଆଇଜି ସମ୍ମିଳନୀ ପାଇଁ କଡ଼ା ସୁରକ୍ଷା ମଧ୍ୟରେ ରାଜଧାନୀ

ଭୁବନେଶ୍ୱର, ୨୭।୧୧ (ସୂର୍ଯ୍ୟକାନ୍ତ ବେହେରା)



ସର୍ବଭାରତୀୟ ୫୯ତମ ଡିଜି-ଆଇଜି ସମ୍ମିଳନୀ ପ୍ରଥମଥର ପାଇଁ ଓଡ଼ିଶାରେ ଅନୁଷ୍ଠିତ ହେବାକୁ ଯାଉଛି। ଆସନ୍ତା ୨୯ ତାରିଖରୁ ଡିସେମ୍ବର ୧ ପର୍ଯ୍ୟନ୍ତ ତିନିଦିନ ଧରି ଏହି ସମ୍ମିଳନୀ ଅନୁଷ୍ଠିତ ହେବ। ଏଥିରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହ ପ୍ରମୁଖ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏଥିପାଇଁ ରାଜଧାନୀକୁ ଏବେଠାରୁ ହାଇଆଲର୍ଟରେ ରଖାଯାଇଛି। ଏନେଇ ପୋଲିସ କମିଶନର ଏସ୍. ଦେବଦତ୍ତ ସିଂ କହିଛନ୍ତି, କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ଏପରି କି ବିମାନବନ୍ଦର, ଲୋକସେବା ଭବନ, ରାଜଭବନ ଓ ରାଜ୍ୟ ଅତିଥିଭବନ, ମୈତ୍ରୀବିହାର, ଚନ୍ଦ୍ରଶେଖରପୁରରେ ଥିବା ଆଇପିଏସ ମେସ ସହିତ ପ୍ରମୁଖ ଅଞ୍ଚଳରେ ପୋଲିସ କଡ଼ା ପହରା ଦେବା ସହ ନୋ ଫ୍ଲାଏ ଜୋନ୍ ଘୋଷଣା କରାଯାଇଛି। ସେହିପରି ଏହି ସମୟରେ କୌଣସି ଅଘଟଣ ଯେମିତି ନ ଘଟେ ସେନେଇ ୭୦ ପ୍ଲାଟୁନରୁ ଅଧିକ ଫୋର୍ସ, ୫ କମ୍ପାନି ଲେଖାଏ ସିଆର୍‌ପିଏଫ୍ ଓ ବିଏସ୍‌ଏଫ୍ ଯବାନ ନିୟୋଜିତ ରହିବେ। ସାରା ସହରକୁ ସିସିଟିଭି ଫୁଟେଜରେ ରଖାଯାଇଥିବା ସୂଚନା ମିଳିଛି। ଅନ୍ୟପଟେ ଟ୍ରାଫିକ ଜାମ୍ ଭଳି ପରିସ୍ଥିତି ଯେପରି ସୃଷ୍ଟି ନ ହୁଏ, ସେଥିଲାଗି ଏଡିଜି ର୍‍ୟାଙ୍କର ଅଧିକାରୀଙ୍କୁ ଦାୟିତ୍ୱ ଦିଆଯାଇଛି। କେବଳ ସେତିକି ନୁହେଁ, ଯେଉଁ ସବୁ ଅଞ୍ଚଳରେ ପୋଲିସ ମୁଖିଆମାନେ ରହିବେ ସେଠାକାର ସୁରକ୍ଷା ଦାୟିତ୍ୱ ଜଣେ ଜଣେ ଆଇଜି ପାହ୍ୟାର ଅଫିସରଙ୍କ ଅଧୀନରେ ରହିବ। ସେମାନଙ୍କୁ ୨ଜଣ ଏସ୍‌ପି ଓ କମାଣ୍ଡାଣ୍ଟ ସହଯୋଗ କରିବେ ବୋଲି ଜଣାପଡିଛି।

### ଲୁଟେରାଙ୍କ ପାଇଁ ମହିଳାଙ୍କ ମୃତ୍ୟୁ ଘଟଣା, ଦ୍ୱିତୀୟ ଅଭିଯୁକ୍ତ ଗିରଫ

ଭୁବନେଶ୍ୱର, ୨୭।୧୧ (ସୂର୍ଯ୍ୟକାନ୍ତ ବେହେରା)– ଲୁଟେରାଙ୍କ ପାଇଁ ଭୁବନେଶ୍ୱରରେ ଯୁ ବିଷ୍ଣୁ ପାତ୍ର ନାମ୍ନୀ ମହିଳାଙ୍କ ମୃତ୍ୟୁ ଘଟଣାରେ ଏୟାରଫିଲ୍ଡ ପୋଲିସ ଫେରାର ଥିବା ଆଉ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ବିଧାତା ତଣ୍ଟୁବାଇ। ଜାମିନ ନ ମିଳିବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ତେବେ ଘଟଣାରେ ପ୍ରଥମ ଅଭିଯୁକ୍ତ ରାଜୁ ନାଇଡୁଙ୍କୁ ୪୦୦ ସିସିଟିଭି ଯାଞ୍ଚ ପରେ ଗତ ସୋମବାର ଗିରଫ କରାଯାଇଥିଲା। ସୂଚନାନୁସାରେ, ଗତ ୧୧ତାରିଖରେ ବୋଡଣ୍ଡାରୁ ପ୍ରତାପ ଓ ତାଙ୍କ ସ୍ତ୍ରୀ ବିଷ୍ଣୁ ସ୍କୁଟି ଯୋଗେ ସୋମନାଥ ମନ୍ଦିର ଯାଉଥିବାବେଳେ ଏୟାରଫିଲ୍ଡ ଥାନାର ବର୍ଡର ତଥା ପିପିଲି-ଜଟଣୀର ଲବଣଗିରି ପାହାଡ଼ ଛକ ପାଖରେ କଳା ପଲ୍‌ସରରେ ଦୁଇଜଣ ଦୁର୍ବୃତ୍ତ ଆସି ବିଷ୍ଣୁଙ୍କ ବେକରୁ ସୁନା ଚେନ୍ ଝାମ୍ପି ନେଇଥିଲେ। ବିଷ୍ଣୁ ଚଳନ୍ତା ସ୍କୁଟିରୁ ତଳେ ପଡ଼ିଯିବାରୁ ତାଙ୍କ ମୁଣ୍ଡର ପଛପାର୍ଶ୍ୱରେ ଗଭୀର ଆଘାତ ଲାଗି ରକ୍ତସ୍ରାବ ହୋଇଥିଲା। ତାଙ୍କ ସ୍ୱାମୀ ସ୍ଥାନୀୟ ଲୋକଙ୍କ ସହାୟତାରେ କ୍ୟାପିଟାଲ ହସ୍ପିଟାଲ ନେଇଥିଲେ। ସେଠାରୁ ଉତ୍ତମ ଚିକିତ୍ସା ପାଇଁ ଏକ ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। କିନ୍ତୁ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ବିଷ୍ଣୁଙ୍କ ମୃତ୍ୟୁ ଘଟିଥିଲା। ଅଭିଯୁକ୍ତଦ୍ୱୟ ଲୁଟ ପରେ ବାଇକ୍ ଯୋଗେ ଫେରାର ହୋଇ ଝାଡ଼ଖଣ୍ଡରେ ଲୁଚିଥିଲେ।

# ଦୟା ୱେଷ୍ଟ କେନାଲକୁ ବର୍ଜ୍ୟ ଜଳ ଛଡ଼ା ନ ଯାଉ

ପୁରୁଣା ଭୁବନେଶ୍ୱର, ୨୭।୧୧ (ସୁବାସ ଚନ୍ଦ୍ର ପ୍ରଧାନ)

ସମ୍ପ୍ରତି ବିଭିନ୍ନ ପାରିପାର୍ଶ୍ୱିକ ମଧ୍ୟ ଦେଇ ଯାଇଥିବା ଦୟା କେନାଲ ଜଳ ଦୂଷିତ ହୋଇପଡ଼ିଛି। ତନ୍ମଧ୍ୟରେ ଜବରଦଖଲ ଏକ ବଡ଼ ସମସ୍ୟା ଥିବାବେଳେ କେନାଲ ମଧ୍ୟକୁ ବିଭିନ୍ନ ସ୍ଥାନରେ ଅନେକ ଲୋକ ନିଜ ନିଜ ଘରର ଦୂଷିତ ଏବଂ ଅପରିଷ୍କାର ପାଣି ଛାଡ଼ିବା ଆଉ ଏକ ବଡ଼ ସମସ୍ୟା ମୁଣ୍ଡ ଟେକିଛି। ଏହାକୁ ବନ୍ଦ କରିବାକୁ ନେଇ ସୋମବାର ଏକାମ୍ର ଜନଜାଗରଣ ମଞ୍ଚ ପକ୍ଷରୁ ଭୁବନେଶର ଉପଜିଲାପାଳଙ୍କ ନିକଟରେ ଦାବିପତ୍ର ମାଧ୍ୟମରେ ଦାବି କରାଯାଇଛି। ଜବରଦଖଲ ଉଚ୍ଛେଦ କରି ନାଳକୁ ସଂଯୋଗ କରୁଥିବା ସମସ୍ତ ବ୍ୟକ୍ତିଗତ ଦୂଷିତ ପାଣି ପାଇପକୁ ବନ୍ଦ କରିବା ନେଇ ପ୍ରଶାସନ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନଚେତ ଆଗାମୀ ଦିନରେ ମଞ୍ଚ ରାଜରାସ୍ତାକୁ ଓହ୍ଲାଇବ ବୋଲି ମଞ୍ଚ ଅଧ୍ୟକ୍ଷ ଭୀଷ୍ମ ନାରାୟଣ ନାୟକ କହିଛନ୍ତି। ଏହି ପ୍ରସଙ୍ଗରେ ଉପଜିଲାପାଳ ଡ. ମନୋରଞ୍ଜନ ସାହୁ ମିଳିତ ତଦନ୍ତ ପାଇଁ ତହସିଲଦାର, ବିଏମ୍‌ସି ଏବଂ ଜଳସମ୍ପଦ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ସମୟରେ ସଦସ୍ୟ ସୁଲତା ସାହାଣୀ, ଗଣେଶ ଚନ୍ଦ୍ର ପାଲ, ମନୋରଞ୍ଜନ ବଟୁ, ଭୂପେଶ ନାୟକ, ସୋମ୍ୟରଞ୍ଜନ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।



# ପ୍ରଫେସର ପୂର୍ଣ୍ଣଚନ୍ଦ୍ର ମଲ୍ଲିକଙ୍କୁ 'ପ୍ରଥମ ପ୍ରଦ୍ୟୁମ୍ନ ପ୍ରତିଭା ସମ୍ମାନ'

ଭୁବନେଶ୍ୱର, ୨୭।୧୧ (ସୌମ୍ୟରଞ୍ଜନ ରାଉତ)



ପୂଜ୍ୟ ପ୍ରଣାମ ଟ୍ରଷ୍ଟ ପକ୍ଷରୁ ବୁଧବାର ବୁଦ୍ଧମନ୍ଦିରଠାରେ ବାଗ୍ମୀ ପ୍ରଦ୍ୟୁମ୍ନ ପ୍ରଣାମ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ସ୍ୱାମୀ ବ୍ରହ୍ମାନନ୍ଦ ସରସ୍ୱତୀ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସେ କହିଲେ, ଛାତ୍ର ଜୀବନରୁ ଓଡ଼ିଶା ଏବଂ ଓଡ଼ିଆଙ୍କ ପାଇଁ ପ୍ରଦ୍ୟୁମ୍ନ ଶତପଥୀଙ୍କ ସଂଗ୍ରାମ ଜାରି ରହିଛି। ଏହିଭଳି ଜଣେ ବ୍ୟକ୍ତିଙ୍କ ଜୀବନାଦର୍ଶକୁ ଆଜିର ଯୁବପିଢି ଅନୁକରଣ କରିବା ଉଚିତ। ସମ୍ମାନିତ ଅତିଥି ଭାବେ ପଦ୍ମଶ୍ରୀ ଦେବୀ ପ୍ରସନ୍ନ ପଟ୍ଟନାୟକ ଯୋଗଦେଇ କହିଲେ, ମାଟିକୁ ଭଲ ପାଉଥିବା ୫ଜଣ ପ୍ରଦ୍ୟୁମ୍ନ ଯଦି ଓଡ଼ିଶାରେ ବାହାରିବେ, ଓଡ଼ିଶାର ରାଜନୈତିକ, ସାଂସ୍କୃତିକ, ସାମାଜିକ ମାନଚିତ୍ର ବଦଳିଯିବ। ସେ କେବଳ ଭାଷଣ ଦେଇ ଜନତାଙ୍କୁ ପ୍ରଭାବିତ କରନ୍ତି ନାହିଁ, କାର୍ଯ୍ୟ କରି ଦେଖାଇ ଦେଇଥାନ୍ତି। ବରିଷ୍ଠ ଭାଜପା ନେତା ଗୋଲକ ଚନ୍ଦ୍ର ମହାପାତ୍ର କହିଲେ, ପ୍ରଦ୍ୟୁମ୍ନ ଶତପଥୀଙ୍କ ସତ୍ୟବାଦିତାର ପଟାନ୍ତର ନାହିଁ। ଏହି ଅବସରରେ ପ୍ରଫେସର ପୂର୍ଣ୍ଣଚନ୍ଦ୍ର ମଲ୍ଲିକଙ୍କୁ ପ୍ରଥମ ପ୍ରଦ୍ୟୁମ୍ନ ପ୍ରତିଭା ସମ୍ମାନ ପ୍ରଦାନ କରାଯାଇଥିଲା। ବରଦାତା ଅରବିନ୍ଦ ତ୍ରିପାଠୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ୫ଜଣ ପାଇଲେ 'ସୃଜନୀ ପ୍ରତିଭା ସମ୍ମାନ'

## ନାଟ୍ୟକାର ନାରାୟଣ ଚନ୍ଦ୍ର ରାୟମହାପାତ୍ରଙ୍କ ଜୟନ୍ତୀ ଉତ୍ସବ

ଭୁବନେଶ୍ୱର, ୨୭।୧୧ (ସୌମ୍ୟରଞ୍ଜନ ରାଉତ)

ସୃଜନୀ ଅନୁଷ୍ଠାନ ପକ୍ଷରୁ ଏଥିସହ ସୃଜନୀ ପ୍ରତିଭା ସମ୍ମାନ-୨୦୨୪ ଓ ସମ୍ବର୍ଦ୍ଧନା ସଭା ସୂଚନା ଭବନରେ ଅନୁଷ୍ଠିତ ହୋଇଯାଇଛି। ଏଥିସହ ସୃଜନୀର ପ୍ରତିଷ୍ଠାତା ତଥା ନାଟ୍ୟକାର ଓ ନିର୍ଦ୍ଦେଶକ ନାରାୟଣ ଚନ୍ଦ୍ର ରାୟ ମହାପାତ୍ରଙ୍କ ୮୭ତମ ଜୟନ୍ତୀ ଉତ୍ସବ ପାଳିତ ହୋଇଛି। ବାଚସ୍ପତି ସୁରମା ପାଢୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିବାବେଳେ ସମ୍ମାନିତ ଅତିଥି ଭାବେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଏବଂ ମୁଖ୍ୟବକ୍ତା ଭାବେ ସାମାଜିକ କର୍ମୀ ଜଗନ୍ନାଥ ପ୍ରଧାନ ଯୋଗଦେଇଥିଲେ। ଏହି ଅବସରରେ ବିଶିଷ୍ଟ ନାଟ୍ୟକାର ତଥା ନିର୍ଦ୍ଦେଶକ ମିହିର ମେହେର, ଲାଲା ବିରେନ ରାୟ, ପ୍ରୀତିରଞ୍ଜନ ମିଶ୍ର, ଡ. ବନବିହାରୀ ମହାପାତ୍ର ଓ ବିଶିଷ୍ଟ ଅଭିନେତା ତଥା ନାଟ୍ୟ ନିର୍ଦ୍ଦେଶକ ଅଶ୍ରୁମୋଚନ ମହାନ୍ତିଙ୍କୁ 'ସୃଜନୀ ପ୍ରତିଭା ସମ୍ମାନ' ପ୍ରଦାନ କରାଯାଇଥିଲା। ସେହିଭଳି ନାରାୟଣ ନାଟ୍ୟ ମହୋତ୍ସବରେ ଅଂଶଗ୍ରହଣ କରିଥିବା ନାଟ୍ୟାନୁଷ୍ଠାନ ମୁରଲୀ ଲୋକକଳା ପରିଷଦ, ଆରୋହଣ ନାଟ୍ୟ ଅନୁଷ୍ଠାନ, ନଟରାଜ କଳା ପରିଷଦ ଓ ମା' ଲକ୍ଷ୍ମୀ ନାଟ୍ୟ ସଂସ୍ଥାକୁ 'ନାରାୟଣ ନାଟ୍ୟ ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ମୁଖ୍ୟ ଅତିଥି ବାଚସ୍ପତି ପାଢ଼ୀ ସୃଜନୀର ଏହି ମହତ କାର୍ଯ୍ୟକୁ ପ୍ରଶଂସା କରିବା ସହିତ ନାଟକର ସ୍ରଷ୍ଟା ରାୟମହାପାତ୍ରଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ତାଙ୍କ ସହିତ କାର୍ଯ୍ୟ କରିଥିବା ବିଗତ ଦିନକୁ ମନେପକାଇ ସେ ନିର୍ଦ୍ଦେଶନା ଦେଇଥିବା ନାଟକରେ ନିଜେ ଅଭିନୟ କରିଥିବା ବିଷୟରେ କହିଥିଲେ। ସୃଜନୀ ସଭାପତି ଶରତ ରାଉତ, ସମ୍ପାଦକ ଚିତ୍ତରଞ୍ଜନ ରାୟମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଉପସଭାପତି ପ୍ରସନ୍ନ ରଥ ଓ ମାନସ ରଞ୍ଜନ ରାୟମହାପାତ୍ର ଉପସ୍ଥିତ ଥିଲେ। ସୃଜନୀର କଳାକାରଙ୍କ ଦ୍ୱାରା ସଙ୍ଗୀତ ଓ ନୃତ୍ୟ ପରିବେଷଣ କରାଯାଇଥିଲା। ରାଧାନାରାୟଣ ଫାଉଣ୍ଡେଶନ ଏଥିରେ ସହଯୋଗ କରିଥିଲା।

## ଫଟୋ ରେ ଖବର




ସାଉଦି ଆରବର ଦମାମ୍ ସହରରେ ପ୍ରବାସୀ ଓଡ଼ିଆଙ୍କ ସାଂସ୍କୃତିକ ଅନୁଷ୍ଠାନ କଳିଙ୍ଗ କେଏସ୍‌ଏର ୭ମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଏଥିରେ ଓଲିଉଡ୍ ଅଭିନେତା ସ୍ୱରାଜ ବାରିକ ଏବଂ କଣ୍ଠଶିଳ୍ପୀ ଅନ୍ତରା ଚକ୍ରବର୍ତ୍ତୀ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଏହି ଅବସରରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ସେଠାରେ ରହୁଥିବା ୬୦୦ରୁ ଊର୍ଦ୍ଧ୍ୱ ପ୍ରବାସୀ ଓଡ଼ିଆ ଯୋଗଦେଇଥିଲେ। ଅତିଥି ଏବଂ ଅନୁଷ୍ଠାନର ସଦସ୍ୟମାନେ ଏହାର ମୁଖପତ୍ରକୁ ଉନ୍ମୋଚନ କରିଥିଲେ।




ଗୋଦାବରୀଶ ସାହିତ୍ୟ ସଂସଦରେ ବୁଧବାର ବିଶିଷ୍ଟ ସାହିତ୍ୟିକ ତଥା ସଂକୀର୍ତ୍ତନ ପ୍ରଚାରକ ନରସିଂହ ନନ୍ଦଙ୍କ ତ୍ରୟୋଦଶ ଶ୍ରାଦ୍ଧବାର୍ଷିକୀ ପାଳନ ଅବସରରେ ଆୟୋଜିତ ସ୍ମୃତିସଭାରେ ଶାନ୍ତନୁ କୁମାର ରଥଙ୍କୁ ନରସିଂହ ନନ୍ଦ ସ୍ମୃତି ସମ୍ମାନରେ ଅତିଥିମାନେ ସମ୍ମାନିତ କରୁଛନ୍ତି।

## ସଂକ୍ଷେପରେ

### ଶିଳ୍ପ ତାଲିମ ପ୍ରତିଷ୍ଠାନ ପରିଦର୍ଶନକଲେ ଛାତ୍ରୀଛାତ୍ର

କଟକ ସଦର ,୨୭।୧୧(ସୁଶାନ୍ତ କୁମାର ଜେନା)

କଟକ ସଦର ବ୍ଲକ ଅନ୍ତର୍ଗତ କିଶୋର ନଗରସ୍ଥିତ ଚିନ୍ତାମଣି ନୋଡାଲ ହାଇସ୍କୁଲର ଛାତ୍ରୀଛାତ୍ର ବୁଧବାର ଖପୁରିଆସ୍ଥିତ କଟକ ଶିଳ୍ପ ତାଲିମ ପ୍ରତିଷ୍ଠାନ(ଆଇଟିଆଇ) ପରିଦର୍ଶନ କରିଥିଲେ। ଧନ୍ଦାମୂଳକ ଶିକ୍ଷା ବିଭାଗ ପକ୍ଷରୁ ହାଇସ୍କୁଲର ୫୦ ଜଣ ଛାତ୍ରୀଛାତ୍ର ପ୍ରଧାନ ଶିକ୍ଷକ ପୀତବାସ ବେହେରାଙ୍କ ତତ୍ତ୍ୱାବଧାନରେ ଅଟୋମୋଟିଭ ବିଭାଗ ବୁଲି ଦେଖିଥିଲେ। ବିଭାଗର ପ୍ରଶିକ୍ଷକଙ୍କ ସହ ଛାତ୍ରୀଛାତ୍ରଙ୍କ ବାର୍ତ୍ତାଳାପ ହୋଇଥିଲା। ଧନ୍ଦାମୂଳକ ପ୍ରଶିକ୍ଷକ ସଂଗ୍ରାମ ପରିଡ଼ା ଓ ବିଜ୍ଞାନ ଶିକ୍ଷୟିତ୍ରୀ ପୁଷ୍ପଶ୍ରୀ ବେହେରା କାର୍ଯ୍ୟକ୍ରମ ସଂଯୋଜନାରେ ସହଯୋଗ କରିଥିଲେ।

### ୨ ବଖରା ଜଳିଗଲା



କଟକ,୨୭।୧୧ (କାର୍ତ୍ତିକ ସାହୁ)

କଟକ ପିଠାପୁର ମୁନ୍‌ଲାଇନ୍ ଲେନ୍‌ରେ ବୁଧବାର ସନ୍ଧ୍ୟାରେ ଅଗ୍ନିକାଣ୍ଡ ଘଟି ୨ ବଖରା ଜଳିଯାଇଛି। ଅଗ୍ନିକାଣ୍ଡରେ କ୍ଷତିଗ୍ରସ୍ତ ହୋଇଥିବା ୨ ବଖରା ନଗେନ୍ଦ୍ରନାଥ ଜେନାଙ୍କ ୫ ମହଲା କୋଠାର ଅଂଶ। ଉକ୍ତ କୋଠାର ପ୍ରଥମ ମହଲାରେ ପ୍ରମୋଦ ପାତ୍ର ଭଡ଼ାରେ ରହୁଛନ୍ତି। ନିକଟସ୍ଥ ହରିପୁରରେ ପ୍ରମୋଦଙ୍କର ଏକ ଷ୍ଟେଶନାରି ଦୋକାନ ଅଛି। ସେହିପରି କୋଠାର ତଳ ମହଲାରେ ଏକ ଶାଢ଼ି ଗୋଦାମ ସହ ଅନ୍ୟାନ୍ୟ ବ୍ୟବସାୟିକ ପ୍ରତିଷ୍ଠାନ ରହିଛି। ସନ୍ଧ୍ୟା ପ୍ରାୟ ସାଢ଼େ ୬ଟାରେ ପ୍ରମୋଦ ଦୋକାନରେ ଥିବାବେଳେ ତାଙ୍କ ସ୍ତ୍ରୀ ପୁଅକୁ ଟ୍ୟୁସନ ଛାଡ଼ିବା ପାଇଁ ଯାଇଥିଲେ। ଏହି ସମୟରେ ହଠାତ୍ ନିଆଁ ଲାଗିଯାଇଥିଲା। ତେବେ ଘରେ ବିପୁଳ ପରିମାଣର ପ୍ଲାଷ୍ଟିକ, ପରଫ୍ୟୁମ ଭଳି ବିଭିନ୍ନ ପ୍ରକାର ଦହନୀୟ ସାମଗ୍ରୀ ଗଚ୍ଛିତ ଥିବାରୁ ନିଆଁ ବ୍ୟାପିଥିଲା। ଖବରପାଇ ବକ୍ସିବଜାର ଅଗ୍ନିଶମ କର୍ମଚାରୀ ପହଞ୍ଚି ପ୍ରାୟ ଦେଢଘଣ୍ଟା ଧରି ଅକ୍ଳାନ୍ତ ପରିଶ୍ରମ କରି ନିଆଁକୁ ଆୟତ୍ତ କରିଥିଲେ। ଅଗ୍ନିକାଣ୍ଡରେ ପ୍ରମୋଦଙ୍କ ଘରେ ଥିବା ଏଲ୍ଇଡି ଟିଭି, ଫ୍ରିଜ୍ ଭଳି ଲକ୍ଷାଧିକ ଟଙ୍କାର ଆସବାବପତ୍ର ପୋଡିଯାଇଛି। ଶର୍ଟସର୍କିଟ୍‌ରୁ ଅଗ୍ନିକାଣ୍ଡ ଘଟିଥିବା ଆଶଙ୍କା କରାଯାଉଥିବାବେଳେ ସନ୍ଧ୍ୟା ଦୀପରୁ ନିଆଁ ଲାଗିଥାଇପାରେ ବୋଲି ପ୍ରମୋଦ କହିଛନ୍ତି।

# ଦକ୍ଷତା କେନ୍ଦ୍ର ଭିତ୍ତିଭୂମି ଯାଞ୍ଚ କଲା ୟୁନିସେଫ୍ ଟିମ୍

କଟକ,୨୭।୧୧(ଶିଳ୍ପା ପ୍ରିୟଦର୍ଶିନୀ)

ଏସ୍‌ସିବି ମେଡିକାଲରେ ଦକ୍ଷତା କେନ୍ଦ୍ର (ସେଣ୍ଟର ଅଫ୍ କମ୍ପିଟେନ୍ସ) ଖୋଲିଛି। ଏଠାରେ ରକ୍ତ ଶିକୁଳି(ସିକିଲସେଲ୍) ରୋଗ ଚିହ୍ନଟ ଓ ଚିକିତ୍ସା କ୍ଷେତ୍ରରେ ରୋଗୀଙ୍କୁ ଉନ୍ନତମାନର ସୁବିଧା ମିଳିବ। ଏଥିପାଇଁ ୟୁନିସେଫ୍‌ର ୩ ଜଣିଆ ଟିମ୍ ଓ ଜାତୀୟ ସ୍ୱାସ୍ଥ୍ୟ ମିଶନର ଏକ ଟିମ୍ ମିଳିତ ଭାବେ ବୁଧବାର ଏସ୍‌ସିବି ମେଡିକାଲ ପରିଦର୍ଶନ କରିଥିଲା। ଟିମ୍ ସଦସ୍ୟମାନେ ଏସ୍‌ସିବି ମେଡିକାଲ ହେମାଟୋଲୋଜି ବିଭାଗର ଲାବରେଟୋରି, ଡେ କେୟାର ସେଣ୍ଟର, ୱାର୍ଡ, ବିଏମ୍‌ଟି ସେଣ୍ଟର ସମେତ ସ୍ତ୍ରୀ ଓ ପ୍ରସୂତି ବିଭାଗର ଭିତ୍ତିଭୂମି ଯାଞ୍ଚ କରିଥିଲେ। ରକ୍ତ ଶିକୁଳି ରୋଗ ଚିହ୍ନଟ, ଉନ୍ନତମାନର ଚିକିତ୍ସା ଏବଂ ଏଦିଗରେ ସଚେତନତା ସୃଷ୍ଟି ସମ୍ପର୍କରେ ଟିମ୍‌ର ସଦସ୍ୟମାନେ ଆଲୋଚନା କରିଥିଲେ। ଏହି ପରିଦର୍ଶନରେ ୟୁନିସେଫ୍‌ର ହେଲ୍‌ଥ ଅଫିସର ଡା. ବ୍ରଜେଶ ରାଜ୍ ମେର୍‌ଟାଙ୍କ ନେତୃତ୍ୱରେ ୩ ଜଣିଆ ଦଳରେ ଷ୍ଟେଟ୍ କନ୍‌ସଲଟାଣ୍ଟ ଡା. ସମ୍ବିତ ଜେନା, ମାତୃ ସ୍ୱାସ୍ଥ୍ୟ ସଂଯୋଜକ ହେମନ୍ତ କୁମାର ଦାସ, ଏସ୍‌ଏଚ୍‌ଏସ୍‌ଆର୍‌ସିର ଟିମ୍ ମୁଖ୍ୟ ଡା. ଦୀନବନ୍ଧୁ ସାହୁଙ୍କ ସମେତ ହେମାଟୋଲୋଜି ବିଭାଗର ପ୍ରଫେସର ଡା. ଆର୍.କେ. ଜେନା ଏବଂ ବିଭାଗୀୟ ମୁଖ୍ୟ ଡା. ସୁଧା ସେଠୀ ଉପସ୍ଥିତ ଥିଲେ।





ଏସ୍‌ସିବି ମେଡିକାଲ ପରିଦର୍ଶନରେ ଆସିଥିବା ୟୁନିସେଫ୍ ଟିମ୍।

**ଏସ୍‌ସିବି ମେଡିକାଲ**

ସୂଚନା ଅନୁଯାୟୀ, ଏସ୍‌ସିବି ମେଡିକାଲକୁ ସେଣ୍ଟର ଅଫ୍ କମ୍ପିଟେନ୍ସ ଘୋଷଣା ପରେ ହେମାଟୋଲୋଜି ବିଭାଗରେ ରକ୍ତ ଶିକୁଳି ରୋଗର ଚିକିତ୍ସା ସହ ଅଧ୍ୟୟନ ଏବଂ ଗବେଷଣା ଜାରି ରହିଛି। ହେମାଟୋଲୋଜି ବିଭାଗ ଅଧୀନରେ ଥିବା ଡେ କେୟାର ସେଣ୍ଟରରେ ଉନ୍ନତମାନର ଚିକିତ୍ସା ବ୍ୟବସ୍ଥା କରାଯିବ। ଗୋଟିଏ ସ୍ଥାନରେ ରୋଗୀଙ୍କୁ ସ୍କ୍ରିନିଂ, କାଉନସିଲ, ଚିକିତ୍ସା, ଚିହ୍ନଟ, ଆଇସିୟୁ ଏବଂ ଔଷଧ ବିତରଣ ସୁବିଧା ସମେତ ଆବଶ୍ୟକ ମେଶିନ ଯୋଗାଇ ଦିଆଯିବ। ଏଥିସହ କର୍ମଚାରୀଙ୍କ ଦକ୍ଷତା ବୃଦ୍ଧି ନିମନ୍ତେ ତାଲିମ ଦିଆଯିବ। ତେବେ ଭାରତ ସରକାରଙ୍କ ନିୟମାବଳୀ ଅନୁଯାୟୀ, ସେଣ୍ଟର ଅଫ୍ କନ୍‌ଫିଡେନ୍ସ ନିମନ୍ତେ ଜାତୀୟ ସ୍ୱାସ୍ଥ୍ୟ ମିଶନ୍‌ର ଅତିରିକ୍ତ କର୍ମଚାରୀ ଏବଂ ଭିତ୍ତିଭୂମି ଯୋଗାଇ ଦେବା ନିୟମ ରହିଛି। ଖୁବ୍‌ଶୀଘ୍ର ହେମାଟୋଲୋଜି ବିଭାଗ ଅଧୀନରେ ଏକ ହାଇଏଣ୍ଡ ମଲିକ୍ୟୁଲାର ଟେଷ୍ଟିଂ ମେଶିନ ସ୍ଥାପନ କରାଯିବ। କେନ୍ଦ୍ର ସରକାର ୨୦୪୭ ସୁଦ୍ଧା ସିକିଲସେଲ ନିରାକରଣ ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି। ଏହି କାର୍ଯ୍ୟକ୍ରମ ଅଧୀନରେ ଏସ୍‌ସିବିରେ ୱାନ୍ ଷ୍ଟପ୍ ସେଣ୍ଟର ଖୋଲାଯିବ। ଏଥିପାଇଁ କେନ୍ଦ୍ର ସରକାର ୪.୬କୋଟି ଟଙ୍କା ମଞ୍ଜୁର କରିଛନ୍ତି। ରକ୍ତ ଶିକୁଳି ରୋଗର ଚିହ୍ନଟ ନିମନ୍ତେ ରାଜ୍ୟର ସମସ୍ତ ମେଡିକାଲ କଲେଜରେ ଆବଶ୍ୟକ ପରୀକ୍ଷଣ ସୁବିଧା ଯୋଗାଇ ଦିଆଯିବ। ବର୍ତ୍ତମାନ ୨୧ଟି ଜିଲା ମୁଖ୍ୟ ଚିକିତ୍ସାଳୟରେ ରକ୍ତ ଶିକୁଳି ରୋଗ ଚିହ୍ନଟ ନିମନ୍ତେ ଆବଶ୍ୟକ ପରୀକ୍ଷଣ ସୁବିଧା ଉପଲବ୍ଧ ରହିଛି।

# ଗୋଡ଼ିବାରି ପାଠଶାଳାକୁ ଆସିଲେ ୨ ହାତୀଛୁଆ

ବାରଙ୍ଗ,୨୭।୧୧(ଲିଙ୍ଗରାଜ ରାଉତ)

ଚନ୍ଦକା ଅଭୟାରଣ୍ୟର କୁମାରଖୁଣ୍ଟିସ୍ଥିତ ଗୋଡ଼ିବାରି ହାତୀ ପାଠଶାଳାକୁ ୨ ହାତୀ ଛୁଆ ଆସିଛନ୍ତି। ରବିବାର ରାତିରେ କେନ୍ଦୁଝରରୁ ୨ ମାସର ଗୋଟିଏ ଅଣ୍ଡିରା ହାତୀଛୁଆ ଅଣାଯାଇଥିବାବେଳେ ସୋମବାର ବିଳମ୍ବିତ ରାତିରେ ପୁଣି ଗୋଟିଏ ୪ ମାସର ମାଈ ହାତୀଛୁଆ ଭବାନୀପାଟଣାରୁ ଉଦ୍ଧାର ହୋଇ ଆସିଛି। ମାଈ ହାତୀଛୁଆଟି ଜଙ୍ଗଲରେ ମା' ସହ ବୁଲୁଥିବାବେଳେ ମା' ହାତୀର ବିଦ୍ୟୁତ୍ ଆଘାତରେ ମୃତ୍ୟୁ ହୋଇଥିଲା। ପରେ ଛୁଆହାତୀଟି ଏଣେତେଣେ ବୁଲୁଥିଲା। ବନ କର୍ମଚାରୀ ହାତୀଛୁଆଟିକୁ ଉଦ୍ଧାର କରି ପ୍ରାଥମିକ ଚିକିତ୍ସା କରି ଚନ୍ଦକା ଗୋଡ଼ିବାରିରେ ଆଣି ଛାଡ଼ିଛନ୍ତି। ଏଠାକୁ ଆସିବା ପରେ ମଙ୍ଗଳବାର 'ରାଧିକା' ନାମ ପରିବର୍ତ୍ତନ କରି 'ରାଧା' ଏବଂ 'ଜଗୁ'ର ନାମ ପରିବର୍ତ୍ତନ କରି 'କାହ୍ନା' ନାମକରଣ କରାଯାଇଛି। ସେହିଭଳି ରାଉରକେଲାରୁ ଆସି ନନ୍ଦନକାନନରେ ଥିବା ହାତୀଛୁଆ 'ସୀମା' ମଧ୍ୟ ଗୋଡ଼ିବାରି ଲାଳନପାଳନ କେନ୍ଦ୍ରକୁ ଆସିଛି। ଏହି ୩ଟି ହାତୀଛୁଆଙ୍କୁ ମିଶାଇ ଗୋଡ଼ିବାରିରେ ସମୁଦାୟ ହାତୀ ସଂଖ୍ୟା ୮ରେ ପହଞ୍ଚିଥିବା ଡିଏଫ୍‌ଓ ଶରତ ଚନ୍ଦ୍ର ବେହେରା ସୂଚନା ଦେଇଛନ୍ତି।



# 'ରାଜ୍ୟକୁ ଶିଳ୍ପ ସମୃଦ୍ଧ କରିବା ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ'



ଇଙ୍ଗା ଶିଳ୍ପଗୋଷ୍ଠୀର ପ୍ରତିଷ୍ଠା ଦିବସରେ ମନ୍ତ୍ରୀ ସମ୍ପଦ ସ୍ୱାଇଁଙ୍କ ସମେତ ଅନ୍ୟମାନେ।

ଚୌଦ୍ୱାର,୨୭।୧୧(ଆଶୁତୋଷ ଦାସ)

ଇଙ୍ଗା ଶିଳ୍ପଗୋଷ୍ଠୀର ପ୍ରତିଷ୍ଠାତା ସ୍ୱର୍ଗତ ବଂଶୀଧର ପଣ୍ଡାଙ୍କ ଜୟନ୍ତୀ ଅବସରରେ ଇଙ୍ଗାର ପ୍ରତିଷ୍ଠା ଦିବସ ଚୌଦ୍ୱାରସ୍ଥିତ ଇଙ୍ଗା ପରିସରରେ ପାଳିତ ହୋଇଯାଇଛି। ମାନବ ସମ୍ବଳ ଅଧିକାରୀ ନିରଞ୍ଜନ ସାହୁଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଶିଳ୍ପ ଓ ଦକ୍ଷତା ବିକାଶ ମନ୍ତ୍ରୀ ସମ୍ପଦ ସ୍ୱାଇଁ ଯୋଗଦେଇ ରାଜ୍ୟକୁ ଶିଳ୍ପ ସମୃଦ୍ଧ କରିବା ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି କହିଥିଲେ। ଚୌଦ୍ୱାରକୁ ପୁଣି ଶିଳ୍ପ ସମୃଦ୍ଧ ପାଇଁ ପ୍ରୟାସ କରାଯିବ ବୋଲି ମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ। ସମ୍ମାନିତ ଅତିଥି ବିଧାୟକ ସୌଭିକ୍ ବିଶ୍ୱାଳ କହିଛନ୍ତି, ଚୌଦ୍ୱାର ଅଞ୍ଚଳରେ ବିଭିନ୍ନ ବିକାଶମୂଳକ କାର୍ଯ୍ୟରେ ଇଙ୍ଗାର ସିଏସ୍‌ଆର ଅର୍ଥ ସର୍ବାଧିକ ବିନିଯୋଗ କରୁଛି। ଇଙ୍ଗା ଶିଳ୍ପଗୋଷ୍ଠୀର ପରିଚାଳନା ନିର୍ଦ୍ଦେଶକ ଶୁଭ୍ରକାନ୍ତ ପଣ୍ଡା କହିଛନ୍ତି, ରାଜ୍ୟର ସର୍ବାଙ୍ଗୀନ ବିକାଶ ଇଙ୍ଗାର ମୂଳ ଲକ୍ଷ୍ୟ। ସିଇଓ ବିଜୟାନନ୍ଦ ମହାପାତ୍ର ଶିଳ୍ପଗୋଷ୍ଠୀର ପ୍ରକଳ୍ପର କାର୍ଯ୍ୟକାରିତା ସମ୍ପର୍କରେ ସୂଚନା ଦେଇଥିଲେ। ଏହି ଅବସରରେ ଇଙ୍ଗା କର୍ମଚାରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିସହ ଆୟୋଜିତ ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶନୀରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଉପ ସଭାପତି ବିଜୟ କୁମାର ଅଗ୍ରୱାଲା ଧନ୍ୟବାଦ ଦେଇଥିଲେ। ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ଇଙ୍ଗା ମହିଳା କ୍ଲବ୍ ସଭାପତି ନମିତା ଅଗ୍ରୱାଲା, ବରିଷ୍ଠ ପ୍ରବନ୍ଧକ ସୁଜିତ୍ କୁମାର ମିଶ୍ର, ଲଲାଟ କିଶୋର ମହାପାତ୍ର, ବରିଷ୍ଠ ଲୋକ ସମ୍ପର୍କ ଅଧିକାରୀ ଧ୍ରୁବ ଚରଣ ରାଉତ, ମାନସ ରଞ୍ଜନ ପ୍ରଧାନଙ୍କ ସମେତ ସମସ୍ତ ଅଧିକାରୀ ଓ କର୍ମକର୍ତ୍ତା କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ରାଷ୍ଟ୍ରୀୟ ଦୁଗ୍ଧ ଦିବସ ପାଳିତ

ଖୁଣ୍ଟୁଣୀ,୨୭।୧୧(ସଚ୍ଚିଦାନନ୍ଦ ପଣ୍ଡା)

ଭାରତର ମିଲ୍କ ମ୍ୟାନ୍ ଭାବେ ପରିଚିତ ଡ. ଭର୍ଗିସ କୁରିଏନ୍‌ଙ୍କ ଜୟନ୍ତୀ ଅବସରରେ ଖୁଣ୍ଟୁଣୀ ଥାନା ଅଧୀନ ରାଧାଦାମୋଦରପୁର ଓମ୍‌ଫେଡ୍ ଗୋଖାଦ୍ୟ କାରଖାନା ପରିସରରେ ରାଷ୍ଟ୍ରୀୟ ଦୁଗ୍ଧ ଦିବସ ପାଳିତ ହୋଇଯାଇଛି। ଓମ୍‌ଫେଡ୍ କାରଖାନା ପରିଚାଳକ ଉମାକାନ୍ତ ଶର୍ମାଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଗୁରୁଡିଝାଟିଆ ପ୍ରାଣୀ ଚିକିତ୍ସକ ଡ. ମନୀଷା ଦାସ ଓ ସମ୍ମାନିତ ଅତିଥି ଭାବେ ପ୍ରାଣୀ ସହାୟକ ବିଶ୍ୱଜିତ୍ ପ୍ରଧାନ ଯୋଗଦେଇ ଉକ୍ତ ଦିବସର ତାତ୍ପର୍ଯ୍ୟ ଉପରେ ଆଲୋକପାତ କରିଥିଲେ। ଏଥିରେ କାରଖାନାର କର୍ମଚାରୀ, ଶ୍ରମିକ ଠିକାଦାର, ଟ୍ରାନ୍ସପୋର୍ଟ ଠିକାଦାରଙ୍କ ସମେତ ସ୍ଥାନୀୟ ବୁଦ୍ଧିଜୀବୀ, ନାଗରିକ ଓ ରାଧାଦାମୋଦରପୁର ଉ.ପ୍ରା. ବିଦ୍ୟାଳୟର ଛାତ୍ରୀଛାତ୍ର ଯୋଗଦେଇଥିଲେ। କାରଖାନା ପକ୍ଷରୁ ଛାତ୍ରୀଛାତ୍ରଙ୍କୁ ଦୁଗ୍ଧ ଓ ପାଠ୍ୟ ଲିଖନ ସାମଗ୍ରୀ ପ୍ରଦାନ କରାଯାଇଥିଲା।

# ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ କମିଟିର ସାଧାରଣ ବୈଠକ

କଟକ ସଦର,୨୭।୧୧(ସୁଶାନ୍ତ କୁମାର ଜେନା)

କଟକ ସଦର ବ୍ଲକ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ କମିଟିର ସାଧାରଣ ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧକ୍ଷା ଭାଗ୍ୟଲକ୍ଷ୍ମୀ ରାଉତଙ୍କ ପୌରୋହିତ୍ୟର ଅନୁଷ୍ଠିତ ବୈଠକରେ ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ପ୍ରକଳ୍ପ ଉପରେ ଆଲୋଚନା ହୋଇଥିଲା। ବିଶେଷକରି ପ୍ରତି ଜଳଯୋଗାଣ ପ୍ରକଳ୍ପର ପରିଚାଳନା ପାଇଁ ଗଠିତ କମିଟିର କାର୍ଯ୍ୟ ଉପରେ ସମୀକ୍ଷା କରାଯାଇଥିଲା। ସକ୍ରିୟ ଥିବା କମିଟିଗୁଡ଼ିକୁ ଅଧିକ କ୍ରିୟାଶୀଳ କରାଯିବ। ସେହିପରି ଯେଉଁ ସ୍ଥାନରେ କମିଟି ନିଷ୍କ୍ରିୟ ରହିଛି, ସେଠାରେ ନୂଆ କମିଟି ପୁନଃ ଗଠନ ପାଇଁ ସ୍ଥାନୀୟ ସରପଞ୍ଚଙ୍କୁ ଦାୟିତ୍ୱ ଦିଆଯିବ ବୋଲି ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ପ୍ରତ୍ୟେକ ଘରେ ପାଣି ପହଞ୍ଚିବା ପାଇଁ ଦୃଷ୍ଟି ଦିଆଯିବ ବୋଲି ମତପ୍ରକାଶ ପାଇଥିଲା। ମାଷ୍ଟର ଟ୍ରେନର ଅରକ୍ଷିତ ସାହୁ ସରକାରୀ ଯୋଜନା ସମ୍ପର୍କରେ ସୂଚନା ଦେଇଥିଲେ। ଏହି ବୈଠକରେ ବିଡିଓ ପ୍ରତୀକ କୁମାର ସାହୁ, ସହକାରୀ ଯନ୍ତ୍ରୀ ଏଲିଜା ମଲ୍ଲିକ, ସୁନିତା ମହାନ୍ତି ଓ ସଂଯୋଜକ ତେଜସ୍କର୍ ସିଂହ ଉପସ୍ଥିତ ଥିଲେ।





ବୈଠକରେ ବିଡିଓ ପ୍ରତୀକ କୁମାର ସାହୁଙ୍କ ସମେତ ଅନ୍ୟମାନେ।

# ଏନ୍‌ଏଲ୍‌ୟୁରେ ତମାଖୁ ବର୍ଜନ କର୍ମଶାଳା



କଟକ,୨୭।୧୧ (କାର୍ତ୍ତିକ ସାହୁ)

ଜାତୀୟ ଆଇନ ବିଶ୍ୱବିଦ୍ୟାଳୟ (ଏନ୍‌ଏଲ୍‌ୟୁ) ସମ୍ମିଳନୀ କକ୍ଷରେ ତମାଖୁ ସେବନର ଅପକାରିତା ଓ ତମାଖୁ ନିୟନ୍ତ୍ରଣ ଉପରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ନେହେରୁ ଯୁବକେନ୍ଦ୍ର ଓ ଜିଲା ଲିଗାଲ ସର୍ଭିସ ଅଥରିଟିର ଯୁବ ସ୍ୱେଚ୍ଛାସେବୀମାନେ ଯୋଗଦେଇ ତମାଖୁ ସେବନ ରୋକିବା ଦିଗରେ ସାମାଜିକ ପ୍ରଚେଷ୍ଟା କରିବେ ବୋଲି ଅବଗତ ହୋଇଥିଲେ। ଏଥିରେ ବିଭିନ୍ନ ଜିଲାର ସ୍ୱେଚ୍ଛାସେବୀ ଯୋଗଦେଇ ତମାଖୁ ନିୟନ୍ତ୍ରଣ ଉପରେ ତାଲିମ ନେଇଥିଲେ।

# ମଧୁବାବୁଙ୍କ ସମାଧି ପୀଠରୁ ଲିଭାଗଲା ଓଡ଼ିଆ ବାପ୍‌ଟିଷ୍ଟ ଚର୍ଚ୍ଚ ନାମ

କଟକ,୨୭।୧୧(ଶିଳ୍ପା ପ୍ରିୟଦର୍ଶିନୀ)

କଟକ ତୁଳସୀପୁରସ୍ଥିତ ମଧୁସୂଦନ ଦାସଙ୍କ ସମାଧି ପୀଠ ସମ୍ମୁଖ ଫାଟକରେ ଲେଖାଥିବା କଟକ ଓଡ଼ିଆ ବାପ୍‌ଟିଷ୍ଟ ଚର୍ଚ୍ଚ ନାମକୁ ବୁଧବାର ଲିଭାଇ ଦିଆଯାଇଛି। ଏଭଳି ଲେଖାକୁ ଦୀର୍ଘଦିନ ହେବ ମଧୁସ୍ମୃତି ସୁରକ୍ଷା ମଞ୍ଚ ପକ୍ଷରୁ ବିରୋଧ କରାଯିବା ସହ କଟକ ମହାନଗର ନିଗମ(ସିଏମ୍‌ସି) କମିଶନରଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ସିଏମ୍‌ସି କମିଶନର ଅନାମ ଚରଣ ପାତ୍ରଙ୍କ ଉପସ୍ଥିତିରେ ବୁଧବାର ଉକ୍ତ ଲେଖାକୁ ଲିଭାଇ ଦିଆଯାଇଛି। ଏନେଇ କମିଶନର ପାତ୍ର କହିଛନ୍ତି, ମଧୁବାବୁଙ୍କ ଜୟନ୍ତୀ ପରେ କେହି ଦୁର୍ବୃତ୍ତ ବିଶୃଙ୍ଖଳା ମନୋଭାବ ରଖି ଏଭଳି ଭାବେ କଟକ ଓଡ଼ିଆ ବାପ୍‌ଟିଷ୍ଟ ଚର୍ଚ୍ଚ ଲେଖିଥିଲେ। ଏହା ନଜରକୁ ଆସିବା ପରେ ସିଏମ୍‌ସି ପକ୍ଷରୁ ଉକ୍ତ ଲେଖାକୁ ଲିଭାଯାଇଛି। ସିଏମ୍‌ସି ପକ୍ଷରୁ ମଧୁବାବୁଙ୍କ ସମାଧି ପୀଠ ନାମରେ ନାମଫଳକ ଲଗାଯିବ ବୋଲି ପାତ୍ର କହିଛନ୍ତି।









## ଫଟୋରେ ଖବର





କଟକ ବାଖରାବାଦସ୍ଥିତ ଗାନ୍ଧୀ ଭବନରେ ଉତ୍କଳ ସେବକ ସମାଜ ପକ୍ଷରୁ ବାଲ୍ୟ ବିବାହମୁକ୍ତ ଭାରତ ଅଭିଯାନ ସଚେତନତା କାର୍ଯ୍ୟକ୍ରମରେ ଅତିଥି ଓ ଅନ୍ୟମାନେ।



ମାର୍ଗଶିର ଗୁରୁବାର ପାଇଁ କଟକ କଲେଜ ଛକରୁ ଲୋକମାନେ ଧାନମେଣ୍ଟା କିଣୁଛନ୍ତି।

## ସଂକ୍ଷେପରେ

### ବିଦ୍ୟାଳୟ ବାର୍ଷିକ କ୍ରୀଡ଼ାରେ ଭାଗନେଲେ ୮୦୦ ଛାତ୍ରୀଛାତ୍ର

**ନିରାକାରପୁର,୨୭।୧୧ (ମାନସଚନ୍ଦ୍ର ପଟ୍ଟନାୟକ)**

ନିରାକାରପୁର ପଞ୍ଚାୟତ ଆର୍ଯ୍ୟବିହାରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ବାର୍ଷିକ କ୍ରୀଡ଼ା ସ୍ଥାନୀୟ କ୍ଷେତ୍ରବାସୀ ମହାବିଦ୍ୟାଳୟ ଖେଳପଡ଼ିଆରେ ବୁଧବାରଠାରୁ ଆରମ୍ଭ ହୋଇଛି। ଏହି ଖେଳକୁ ସ୍ଥାନୀୟ ଥାନା ସବ୍‌ଇନ୍ସପେକ୍ଟର ଦିପଲିସା ନାୟକ, ଅନୁଷ୍ଠାନର ପ୍ରଧାନ ଆଚାର୍ଯ୍ୟା ନଳିନୀ ରଥ ଓ ବିନୋଦ ବିହାରୀ ସେଠୀ ଯୋଗଦେଇ ଉଦ୍‌ଘାଟନ କରିବା ପରେ ଖେଳ ଆରମ୍ଭ ହୋଇଥିଲା। କ୍ରୀଡ଼ା ପ୍ରତିଯୋଗିତାରେ ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ମୋଟ ୮୦୦ ଛାତ୍ରୀଛାତ୍ର ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଛନ୍ତି। ଏହି କ୍ରୀଡ଼ା ଆସନ୍ତା ୨୯ ତାରିଖ ପର୍ଯ୍ୟନ୍ତ ଚାଲିବ। ତେବେ ଖେଳ ପ୍ରାରମ୍ଭରୁ ସମସ୍ତେ ଶପଥ ଗ୍ରହଣ କରିଥିଲେ। ବିଦ୍ୟାଳୟର ସମସ୍ତ ଗୁରୁମା, ଗୁରୁଜୀ ଖେଳ ପରିଚାଳନାରେ ସାହାଯ୍ୟ କରିଥିଲେ। ଅନୁଷ୍ଠାନର ଶିକ୍ଷୟିତ୍ରୀ ସନ୍ଧ୍ୟାରାଣୀ ବାହିନୀପତି ଧନ୍ୟବାଦ ଦେଇଥିଲେ।

### ପାଇପ୍ କମ୍ପାନୀରୁ ଚୋରି, ଜଣେ ଗିରଫ

**ଯାଁଳା,୨୭।୧୧(ବୁଲା ବାରିକ)**

ଏକ ପାଇପ୍ କମ୍ପାନୀରୁ ଚୋରି କରିଥିବା ଅଭିଯୋଗରେ ବୁଧବାର ଇନ୍‌ଫୋଭ୍ୟାଲି ଥାନା ପୋଲିସ ଜଣଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ଇନ୍‌ଫୋଭ୍ୟାଲି ଥାନା ଅଲକର ମୌଜାରେ ରହୁଥିବା ବୁଦ୍ଧେଶ୍ୱର ବାରିକ୍। ପୋଲିସ ତାଙ୍କଠାରୁ ଚୋରା ପାଇପ୍ ଓ ଏକ ଅଟୋ ଜବତ କରିଛି। ସୂଚନାନୁଯାୟୀ, ଅଭିଯୋଗକାରୀ ସମ୍ପଥ କୁମାର ପିନ୍ନିତିଙ୍କ ଅଲକରରେ ଏକ ପାଇପ୍ କମ୍ପାନୀ ଅଛି। ମଙ୍ଗଳବାର ରାତି ପ୍ରାୟ ୮ଟା ୩୦ରେ ସମ୍ପଥ କମ୍ପାନୀରୁ ବାହାରିବା ସମୟରେ ସେଠାରେ ଗଚ୍ଛିତ ଥିବା କେତେକ ଲୁହା ସାମଗ୍ରୀ ଚୋରି ହୋଇଯାଇଥିବା ଦେଖିବାକୁ ପାଇଥିଲେ। ପଚରାଉଚରା କରିବାରେ ବୁଦ୍ଧେଶ୍ୱର ଏହି ଲୁହା ସାମଗ୍ରୀ ଚୋରି କରିଥିବା ଜାଣିବାକୁ ପାଇ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଅଭିଯୁକ୍ତଙ୍କୁ ବଡ଼ରଘୁନାଥପୁର ଛକ ନିକଟରୁ କାବୁ କରିବାରେ ସକ୍ଷମ ହୋଇଥିଲା।

### ହାସ୍ୟ କଳାକାରଙ୍କ ବିୟୋଗ

**ଟାଙ୍ଗୀ–ଖୋର୍ଦ୍ଧା,୨୭।୧୧ (ରଘୁନାଥ ସାହୁ)**

ଖୋର୍ଦ୍ଧା ଜିଲା ଚିଲିକା ବ୍ଲକ ଜରିପଡ଼ା ଗ୍ରାମ ପଞ୍ଚାୟତ ବ୍ରାହ୍ମଣ ସାହିର ଝାମୁଯାତ୍ରାର ହାସ୍ୟ କଳାକାର ଲିଙ୍ଗରାଜ ପ୍ରଧାନ(୮୨)ଙ୍କ ପରଲୋକ ହୋଇଛି। ସେ ଜଣେ ଉଚ୍ଚକୋଟୀର ହାସ୍ୟ କଳାକାର ଥିଲେ। ସେ ଛୋଟ ଛୋଟ ପିଲାଙ୍କୁ ହସି ହସାଇ ନିଜର ନିଖୁଣ ଅଭିନୟ କଳା ମାଧ୍ୟମରେ ମନୋରଞ୍ଜନ କରାଇ ଆସୁଥିଲେ। ତାଙ୍କ ବିୟୋଗରେ ଜରିପଡ଼ାବାସୀ ଅତ୍ୟନ୍ତ ଦୁଃଖ ପ୍ରକାଶ କରିଛନ୍ତି। ସେ ଜୀବନ କାଳ ମଧ୍ୟରେ ପ୍ରାୟ ଦୀର୍ଘ ୨୫ ବର୍ଷ ହେଲା ଗ୍ରାମାଞ୍ଚଳରେ ବିନା ଆର୍ଥିକ ସହାୟତାରେ ଅଭିନୟ କରି ଆସୁଥିଲେ। ସ୍ଥାନୀୟ ଶ୍ମଶାନରେ ଏହି କଳାକାରଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି।

### ଶିକ୍ଷାବିତ୍‌ଙ୍କ ପରଲୋକ

**କୃଷ୍ଣପ୍ରସାଦ,୨୭।୧୧ (କୈଳାଶ ଚନ୍ଦ୍ର ପଟ୍ଟନାୟକ)**

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅଧୀନ ମା’ ରାମଚଣ୍ଡୀ ଚିଲିକା ମହିଳା ମହାବିଦ୍ୟାଳୟ ତିତିପର ପ୍ରାକ୍ତନ ଅଧକ୍ଷ ବିଶ୍ୱନାଥ ମହାପାତ୍ରଙ୍କ(୫୮)ପରଲୋକ ହୋଇଛି। ସେ ଦୀର୍ଘ ମାସ ଧରି ମଧୁମେହ ପରି ବିଭିନ୍ନ ରୋଗରେ ପୀଡ଼ିତ ଥିଲେ। ସେ ୨୦୧୨ରୁ ୨୦୨୧ ପର୍ଯ୍ୟନ୍ତ ଉକ୍ତ ମହାବିଦ୍ୟାଳୟର ଅଧକ୍ଷ ଭାବେ ସୁଚାରୁରୂପେ ଦାୟିତ୍ୱ ତୁଲାଇଥିଲେ। ତାଙ୍କ କାର୍ଯ୍ୟକାଳ ସମୟରେ ମହାବିଦ୍ୟାଳୟରେ ଅନେକ କିଛି ଉନ୍ନୟନମୂଳକ କାର୍ଯ୍ୟ କରାଯାଇଥିଲା। ଜଣେ ଦକ୍ଷ ପ୍ରଶାସକ, ଶିକ୍ଷାବିତ୍ ଭାବେ ସେ ବିଭିନ୍ନ ମହଲରେ ବେଶ ପରିଚିତ ଥିଲେ। ତାଙ୍କ ବିୟୋଗରେ ଜନ୍ମସ୍ଥାନ ଖୋର୍ଦ୍ଧା ଜିଲା ବାଣପୁର ବ୍ଲକ ତୁମ୍ବୁରାପୁଟ ଗ୍ରାମରେ ଶୋକ ପ୍ରକାଶ ପାଇଛି। ମୃତ୍ୟୁ ଖବର ଶୁଣି ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ବାସ ଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ପୁରୀ ସ୍ୱର୍ଗଦ୍ୱାରଠାରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ସେ ଜଣେ ଛାତ୍ରବତ୍ସଳ ଓ ଆଦର୍ଶ ଅଧକ୍ଷ ଭାବେ ବୁଦ୍ଧିଜୀବୀ ମହଲରେ ପରିଚିତ ଥିଲେ।

# ‘ଚିଲିକା ଆମର, ବନ୍ଦ ରଖିବା ପକ୍ଷୀ ଶିକାର’



ସଚେତନତା କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ଓ ଅନ୍ୟମାନେ।

**ଟାଙ୍ଗୀ–ଖୋର୍ଦ୍ଧା,୨୭।୧୧(ରଘୁନାଥ ସାହୁ)**

ଟାଙ୍ଗୀ ବ୍ଲକ ଉଜଳା ଗୋପୀନାଥପୁର ପଞ୍ଚାୟତ ଅଧୀନ ଅଭିମାନପୁର ବାତ୍ୟା ଆଶ୍ରୟସ୍ଥଳୀଠାରେ ଟାଙ୍ଗୀ ବନ୍ୟପ୍ରାଣୀ ବିଭାଗ ଦ୍ୱାରା ପକ୍ଷୀ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ସରପଞ୍ଚ ଶୁଭସନ୍ଧ୍ୟା ସାମନ୍ତରାୟ ଏଥିରେ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ରେଞ୍ଜର ବିରାଜ ଦାସ, ମୁଖ୍ୟବକ୍ତା ଭାବେ ପରିବେଶବିତ୍ ଧନେଶ୍ୱର ବିଧାର, ସମ୍ମାନିତ ଅତିଥି ଭାବେ ସମିତି ସଭ୍ୟ ସୂର୍ଯ୍ୟମଣି ସାହୁ, ବରିଷ୍ଠ ଖବରଦାତା ରଘୁନାଥ ସାହୁ, ଟାଙ୍ଗୀ ବରିଷ୍ଠ ନାଗରିକ ମଞ୍ଚ ସମ୍ପାଦକ ବିଜୟ ରାଉତ, ସାମାଜିକ କର୍ମୀ ବସନ୍ତ ରାଉତରାୟ ପ୍ରମୁଖ ଯୋଗଦେଇଥିଲେ। ବିଦେଶାଗତ ପକ୍ଷୀ ଆମର ଅତିଥି। ସେମାନଙ୍କର ସୁରକ୍ଷା ଆମ ସମସ୍ତଙ୍କ ଦାୟିତ୍ୱ ବୋଲି ଅତିଥିମାନେ ମନ୍ତବ୍ୟକ୍ତ କରିଥିଲେ। ‘ଚିଲିକା ଆମର, ପ୍ରକୃତି ଆମର, ବନ୍ଦ ରଖିବା ପକ୍ଷୀ ଶିକାର’ ସ୍ଲୋଗାନକୁ ସମସ୍ତେ ଉଚ୍ଚାରଣ କରିଥିଲେ। କାର୍ଯ୍ୟକ୍ରମରେ ୱାର୍ଡ଼ ସଭ୍ୟା ସଂଯୁକ୍ତା ସ୍ୱାଇଁ, ସୁନୀତା ପ୍ରଧାନ, ମୋନାଲିସା ସ୍ୱାଇଁ, ମହନ୍ତ ସାହୁ, ବିଶ୍ୱନାଥ ପ୍ରଧାନ, ଦିବାକର ରାଉତରାୟ ପ୍ରମୁଖ ସହଯୋଗ କରିଥିଲେ। ମଙ୍ଗଳାଯୋଡି ବନପାଳ ମୀନା କୁମାରୀ ନାୟକ, ଭୁଷଣ୍ଡପୁର ବନପାଳ ସବିତା ପ୍ରଧାନ, ଟାଙ୍ଗୀ ବନପାଳ ମଧୁସ୍ମିତା ଜେନା, ବନରକ୍ଷୀ ନିରଞ୍ଜନ ମହାରଣା, ଜାନକୀ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ସାମୁଦ୍ରିକ କଇଁଛ ସୁରକ୍ଷା କର୍ମଶାଳା



କର୍ମଶାଳାରେ ଯୋଗଦେଇଥିବା ଅତିଥି।

**କୃଷ୍ଣପ୍ରସାଦ,୨୭।୧୧ (କୈଳାଶ ଚନ୍ଦ୍ର ପଟ୍ଟନାୟକ)**

ପୁରୀ ଜିଲା ଅଧୀନ କୃଷ୍ଣପ୍ରସାଦ ବ୍ଲକର ଖିରିସାହି ବାତ୍ୟା ଆଶ୍ରୟସ୍ଥଳୀ ପରିସରରେ ଚିଲିକା ନୂଆପଡ଼ା ବନ୍ୟପ୍ରାଣୀ ବନାଞ୍ଚଳ ପକ୍ଷରୁ ସାମୁଦ୍ରିକ କଇଁଛଙ୍କ ସୁରକ୍ଷା ନିମନ୍ତେ ଏକ ସଚେତନତା କର୍ମଶାଳା ବୁଧବାର ଅନୁଷ୍ଠିତ ହୋଇଯାଇଛି। ଚିଲିକା ନୂଆପଡ଼ା ରେଞ୍ଜର କାଶୀନାଥ ହେମ୍ବ୍ରମଙ୍କ ନେତୃତ୍ୱରେ ଆୟୋଜିତ କର୍ମଶାଳାରେ ଖିରିସାହି ଗାଁ ମୁଖିଆ ସୀମାଞ୍ଚଳ ବେହେରା, ବନପାଳ ରଶ୍ମିରଞ୍ଜନ ନାୟକ, ଖିରିସାହି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସହକାରୀ ଶିକ୍ଷକ ଭଗବାନ ବେହେରାଙ୍କ ସମେତ ଗ୍ରାମର ମହିଳା ପୁରୁଷ ଓ ସୁରକ୍ଷା କର୍ମୀ ଅଂଶଗ୍ରହଣ କରିଥିଲେ। ମୁଖ୍ୟତଃ ସାମୁଦ୍ରିକ କଇଁଛ ସୁରକ୍ଷା ଓ ଏହାର ବଂଶ ବିସ୍ତାର ଦ୍ୱାରା ମଣିଷ ଓ ପରିବେଶ ଉପରେ କିପରି ସୁପ୍ରଭାବ ପଡ଼ିଥାଏ, ସେ ଦିଗରେ ଆଲୋଚନା ହୋଇଥିଲା। ବନରକ୍ଷୀ ଲକ୍ଷ୍ମଣ ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ବାଲ୍ୟ ବିବାହମୁକ୍ତ ଶପଥପାଠ, ସଚେତନତା ଶୋଭାଯାତ୍ରା




ଖୋର୍ଦ୍ଧା ଜିଲା ପ୍ରଶାସନ ଏବଂ ସ୍ୱେଚ୍ଛାସେବୀ ଅନୁଷ୍ଠାନ ରୁଚିକାର ମିଳିତ ସହଯୋଗରେ ବାହାରିଥିବା ସଚେତନତା ଶୋଭାଯାତ୍ରା।

**ଖୋର୍ଦ୍ଧା,୨୭।୧୧(ପ୍ରଭାତ ପାଣିଗ୍ରାହୀ)**

ବାଲ୍ୟବିବାହ ଏକ ସାମାଜିକ ବ୍ୟାଧିରେ ପରିଣତ ହୋଇଛି। କେନ୍ଦ୍ର ଓ ରାଜ୍ୟ ସରକାର ଏହାକୁ ରୋକିବା ଲାଗି ଗୁରୁତ୍ୱ ଦେଉଛନ୍ତି। ଏ ନେଇ ପ୍ରଶାସନ ପକ୍ଷରୁ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ କରାଯାଉଛି। ବୁଧବାର ଖୋର୍ଦ୍ଧା ଜିଲା ପ୍ରଶାସନ ଏବଂ ସ୍ୱେଚ୍ଛାସେବୀ ଅନୁଷ୍ଠାନ ରୁଚିକାର ମିଳିତ ସହଯୋଗରେ ଏକ ସଚେତନତା ଶୋଭାଯାତ୍ରା ଓ ଶପଥ ଗ୍ରହଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳଙ୍କ କାର୍ଯ୍ୟାଳୟଠାରୁ ଶୋଭାଯାତ୍ରା ବାହାରି ନୂଆ ବସ୍‌ଷ୍ଟାଣ୍ଡ ପର୍ଯ୍ୟନ୍ତ ଯାଇଥିଲା। ଜିଲାପାଳ ଚଞ୍ଚଳ ରାଣା ଶୋଭାଯାତ୍ରାର ଶୁଭାରମ୍ଭ କରିଥିଲେ। ଜିଲାପାଳ ସମସ୍ତଙ୍କୁ ବାଲ୍ୟବିବାହ ବିରୋଧରେ ଶପଥ ପାଠ କରାଇଥିଲେ। ବାଲ୍ୟବିବାହ ସୁରକ୍ଷା ଅଧିକାରୀ (ସିଏମ୍‌ପିଓ), ଆଶାକର୍ମୀ, ଅଙ୍ଗନୱାଡି କର୍ମୀ, ଶିକ୍ଷୟିତ୍ରୀ ଓ ମହିଳାମାନେ ସାମିଲ ହୋଇ ଶପଥ ପାଠ କରିଥିଲେ। ଅତିରିକ୍ତ ଜିଲାପାଳ ପ୍ରତାପ ଚନ୍ଦ୍ର ବେଉରା, ରୁଚିକା ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଡ. ବେଣୁଧର ସେନାପତି, ସମାଜ କଲ୍ୟାଣ ଅଧିକାରୀ କୁସୁମ କୁମାରୀ ପ୍ରହରାଜ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ବାଣିଶ୍ରୀ ପଟ୍ଟନାୟକ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଜୋସ୍ନାମୟୀ ଆଚାର୍ଯ୍ୟ, ଅତିରିକ୍ତ ସମାଜ କଲ୍ୟାଣ ଅଧିକାରିଣୀ ସୁଷମା ମହାନ୍ତି, ଜିଲା ପ୍ରୋଗ୍ରାମ ଅଧିକାରୀ ସୌଦାମିନୀ ଦାଶ, ଆକ୍ସନଏଡ୍‌ର ବାଲ୍ୟ ବିବାହ ନିରାକରଣ ଜିଲା ସଂଯୋଜକ ଉତ୍କଳ ମାଇତି, ବିଶ୍ୱଜୀବନ ସେବା ସଂଘ ଏବଂ ଭୈରବୀ କ୍ଲବ କର୍ମକର୍ତ୍ତା ଯୋଗଦେଇଥିଲେ।

## ରେଲ୍‌ୱେ ପ୍ରଶାସନର ମାଛ ମାର୍କେଟ ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ

**ଜଟଣୀ,୨୭।୧୧(ରବୀନ୍ଦ୍ରନାଥ ମହାକୁଡ଼)**

ଜଟଣୀ ପୌରାଞ୍ଚଳ ଅଧୀନ ରେଲ୍‌ୱେ ମାଛ ମାର୍କେଟ ଉଚ୍ଛେଦ ପ୍ରକ୍ରିୟା ରେଲ୍‌ୱେ ପ୍ରଶାସନ ପକ୍ଷରୁ ବୁଧବାର ଆରମ୍ଭ କରାଯାଇଛି। ପୂର୍ବତଟ ରେଳପଥ ଖୋର୍ଦ୍ଧାରୋଡ଼ ରେଳମଣ୍ଡଳର ବିଭିନ୍ନ ବିକାଶମୂଳକ କାର୍ଯ୍ୟ ପାଇଁ ରେଲ୍‌ୱେ ପ୍ରଶାସନ ନିଜ ଅଞ୍ଚଳରୁ ଜବରଦଖଲ ହଟାଇବା କାର୍ଯ୍ୟ ପର୍ଯ୍ୟାୟକ୍ରମେ ଜାରି ରଖିଛି। ବୁଧବାର ସ୍ଥାନୀୟ ମାଛ ମାର୍କେଟରେ ବେଆଇନ ଭାବେ ଗଢ଼ି ଉଠିଥିବା କିଛି କ୍ୟାବିନ ସହ ୨ଟି ସ୍ଥାୟୀ ଦୋକାନ ଘରକୁ ଜେସିବି ସାହାଯ୍ୟରେ ଉଚ୍ଛେଦ କରାଯାଇଥିଲା। ଉଚ୍ଛେଦ ପାଇଁ ରେଲ୍‌ୱେ ପ୍ରଶାସନ ପକ୍ଷରୁ ସ୍ଥାନୀୟ ବ୍ୟବସାୟୀଙ୍କୁ ନୋଟିସ ମାଧ୍ୟମରେ ଅବଗତ କରାଯାଇଥିଲା। ହେଲେ ଦୋକାନୀ ଉକ୍ତ ସ୍ଥାନକୁ ଖାଲି କରି ନ ଥିବା କାରଣରୁ ବୁଧବାର ସକାଳୁ ରେଲ୍‌ୱେ ପ୍ରଶାସନିକ ଅଧିକାରୀ ଏବଂ ରେଳ ସୁରକ୍ଷା ବଳ ଘଟଣାସ୍ଥଳରେ ପହଞ୍ଚି ଉଚ୍ଛେଦ କରିଥିଲେ। ପ୍ରଶାସନ ବର୍ଷ ବର୍ଷ ଧରି ଉକ୍ତ ସ୍ଥାନରେ ବ୍ୟବସାୟ କରି ପରିବାର ପ୍ରତିପୋଷଣ କରୁଥିବା ବ୍ୟବସାୟୀଙ୍କ ପାଇଁ କୌଣସି ଥଇଥାନ କରି ନ ଥିବାରୁ ସେମାନେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି।

## ଶ୍ରୀଜଗନ୍ନାଥ ମହୋତ୍ସବରେ ଭଜନ ସନ୍ଧ୍ୟା

**ଟାଙ୍ଗୀ–ଖୋର୍ଦ୍ଧା,୨୭।୧୧(ରଘୁନାଥ ସାହୁ)**

ଖୋର୍ଦ୍ଧା ଜିଲା ଟାଙ୍ଗୀ ବ୍ଲକ ଅଧୀନ ଭୁଷଣ୍ଡପୁର ଦୋଳପଡ଼ିଆଠାରେ ଆୟୋଜିତ ଶ୍ରୀଜଗନ୍ନାଥ ମହୋତ୍ସବ ବୁଧବାର ଚତୁର୍ଥ ସନ୍ଧ୍ୟାରେ ପହଞ୍ଚିଛି। ଭଜନ ସନ୍ଧ୍ୟାରେ ଏକ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିଲା। ମହୋତ୍ସବରେ ପୂର୍ବତନ ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ବାବା ଅମୃତା ନନ୍ଦଦାସ ମହାରାଜଙ୍କୁ ଅଭିନନ୍ଦନ ଜଣାଇବା ସହ ଆଶୀର୍ବାଦ ନ ଥିଲେ ଏଭଳି ସୁଯୋଗ ମିଳେନି ବୋଲି କହିଥିଲେ। ରାଧାମାଧବ, ନୃସିଂହ, ଜୟ ବିଜୟ, ନବଗ୍ରହ, ଦଶାବତାର ନୂତନ ବିଗ୍ରହ ସ୍ଥାପନ ପୂର୍ବରୁ ଅନୁଷ୍ଠିତ ମହସୌଧିରେ କଳସ ଜଳ ଅର୍ପଣ କରିବା ସୁଯୋଗ ଲାଭ କରି ଭକ୍ତମାନେ ଆନନ୍ଦିତ ହୋଇଥିଲେ। ଚତୁର୍ଥ ସନ୍ଧ୍ୟାର ଭାବଧାରା ଭଜନ ସନ୍ଧ୍ୟାରେ ପ୍ରବଚକ ଭାବେ ସତ୍ୟାନନ୍ଦ ଦାସ ଯୋଗଦେଇଥିଲେ। ମହୋତ୍ସବର ମୁଖ୍ୟ ସଂଯୋଜକ ଡ. ସଞ୍ଜୟ କୁମାର ପଟ୍ଟନାୟକ ଏଥିରେ ଅଧ୍ୟକ୍ଷତା କରିଥିଲେ। କାର୍ଯ୍ୟକ୍ରମରେ ଭୁଷଣ୍ଡପୁର ସରପଞ୍ଚ ସୌରଭ ଦାସ ମହାପାତ୍ର, ଆଇନଜୀବୀ ଅନିଲ ପଟ୍ଟନାୟକ, ରଥଯାତ୍ରା କମିଟି ସଭାପତି ହୁଲାସ ବେହେରା, ପୂର୍ବତନ ସରପଞ୍ଚ ତ୍ରିନାଥ ବେହେରା, ବିରଞ୍ଚି ପ୍ରଧାନ, ରବୀନ୍ଦ୍ର ସାମନ୍ତରାୟ ପ୍ରମୁଖ ଉପସ୍ଥିତ ଥିଲେ।

## ‘ଭାରତରେ ମାନବିକ ଅଧିକାର’ ଆଲୋଚନାଚକ୍ର




ଆଲୋଚନା ଚକ୍ରରେ ଉପସ୍ଥିତ ଅତିଥି।

**ବେଗୁନିଆ,୨୭।୧୧ (ସନ୍ଧ୍ୟାରାଣୀ ମିଶ୍ର/ହରପ୍ରସନ୍ନ ପଣ୍ଡା)**

ବେଗୁନିଆ ମହାବିଦ୍ୟାଳୟ ରାଜନୀତି ବିଭାଗ ପକ୍ଷରୁ ‘ଭାରତରେ ମାନବିକ ଅଧିକାର’ ଶୀର୍ଷକ ଆଲୋଚନାଚକ୍ର ମହାବିଦ୍ୟାଳୟ ପ୍ରେକ୍ଷାଳୟରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ବିଭାଗ ମୁଖ୍ୟ ପ୍ରାଧ୍ୟାପକ ପଙ୍କଜ କୁମାର କର ଏଥିରେ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ଅର୍ଥନୀତି ବିଭାଗର ପ୍ରାକ୍ତନ ମୁଖ୍ୟ ବ୍ରଜେନ୍ଦ୍ର କୁମାର ପାଲଟାସିଂ ଏବଂ ସମ୍ମାନିତ ଅତିଥି ଭାବେ ବିଜୟ ଲକ୍ଷ୍ମୀ ସୁବୁଦ୍ଧି, ସ୍ମିତିମୟୀ ବସନ୍ତିଆ, ଡ. ସତ୍ୟଜିତ୍‌ଦାସ, ରୋନାଲିସା ପାତ୍ର ଏବଂ ଦାମୋଦର ସାହୁ ପ୍ରମୁଖ ଯୋଗଦେଇଥିଲେ। ରାଜନୀତି ବିଭାଗର ଉପଦେଷ୍ଟା ଅଧ୍ୟାପକ ଜୟକୃଷ୍ଣ ପାଣିଗ୍ରାହୀ ସ୍ୱାଗତ ଅଭିଭାଷଣ ଏବଂ ଅତିଥି ପରିଚୟ ଦେଇଥିଲେ। ଛାତ୍ରୀଛାତ୍ରଙ୍କ ଦ୍ୱାରା ଲିଖିତ ୫ଟି ପ୍ରବନ୍ଧ ପାଠ ଓ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ହୋଇଥିଲା। ଛାତ୍ରୀ ଅଭୀଲିପ୍ସା ମହାନ୍ତି, ଭାରତୀ ବିଷୋୟୀ, ଶୁଭଶ୍ରୀ ଜେନା, ଛାତ୍ର ଅଭିଷେକ ଦାଶ, ଶେଷଦେବ ପାଣିଗ୍ରାହୀ ପ୍ରମୁଖ ସ୍ୱରଚିତ ପ୍ରବନ୍ଧ ପାଠ କରିଥିଲେ। ଅଭିଷେକ ଦାଶ ଧନ୍ୟବାଦ ଦେଇଥିଲେ।

## ସମ୍ବିଧାନ ଆମର ମୁଖବନ୍ଧ, ଆଚାର ସଂହିତା

**ବାଲୁଗାଁ,୨୭।୧୧(ସଂଗ୍ରାମ ପାଇକରାୟ)**



ଜଣେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଉଛି।

ବାଲୁଗାଁ ମହାବିଦ୍ୟାଳୟ ପକ୍ଷରୁ ମଙ୍ଗଳବାର ସମ୍ବିଧାନ ଦିବସର ଉଦ୍‌ଯାପନୀ ସମାରୋହ ଅଧକ୍ଷ ଡ. ଲକ୍ଷ୍ମୀଧର ସୁବୁଦ୍ଧିଙ୍କ ସଭାପତିତ୍ୱରେ ପାଳିତ ହୋଇଯାଇଛି। ଏହି ଅବସରରେ ସପ୍ତାହବ୍ୟାପୀ ମହାବିଦ୍ୟାଳୟରେ ବିଭିନ୍ନ ସାଂସ୍କୃତିକ, ବୌଦ୍ଧିକ ଓ ବକ୍ତୃତାମାଳା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ବିଶିଷ୍ଟ ଅଧିବକ୍ତା ବିପ୍ଳବ କୁମାର ମୁଦୁଲି, ବାଣପୁର ଗ୍ରାମୀଣ ମହାବିଦ୍ୟାଳୟ ଅଧ୍ୟାପକ ମନୋଜ ମହାପାତ୍ର ଓ ନାରୁଣୀ ମହାବିଦ୍ୟାଳୟ ରାଜନୀତି ବିଜ୍ଞାନ ଅଧ୍ୟାପକ ସନ୍ତୋଷ ଶତପଥୀ ‘ଏକ ଭାରତ ଶ୍ରେଷ୍ଠ ଭାରତ’, ‘ସବ୍‌କା ସାଥ୍ ସବକା ବିକାଶ’ ଓ ‘ଆତ୍ମ ନିର୍ଭର ଭାରତ’ ଶୀର୍ଷକ ଆଲୋଚନାରେ ବକ୍ତବ୍ୟ ରଖିଥିଲେ। ଛାତ୍ରୀମାନେ ବନ୍ଦେ ଉତ୍କଳ ଜନନୀ ଗାନ କରିବା ପରେ କାର୍ଯ୍ୟକ୍ରମର ମୁଖ୍ୟ ଅତିଥି ତଥା ଗୋଦାବରୀଶ ମହାବିଦ୍ୟାଳୟର ପ୍ରାକ୍ତନ ଅଧକ୍ଷ ଡ. ନୃସିଂହ ଚରଣ ପ୍ରଧାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ଡ. ପ୍ରଧାନ, ସମ୍ମାନିତ ଅତିଥି ଭାବେ ଅଧ୍ୟାପିକା ସୁନିତା ନନ୍ଦ, ଅଧ୍ୟାପକ ସୁବାସ ଚନ୍ଦ୍ର ଶ୍ରୀଚନ୍ଦନ, ଛାତ୍ରୀ ଦୀପ୍ତି ସାହୁ ଉପସ୍ଥିତ ଥିଲେ। ସମ୍ବିଧାନ ହେଉଛି ଆମର ମୁଖବନ୍ଧ ଓ ଆମ ଆଚାର ସଂହିତା ବୋଲି ଅତିଥିମାନେ କହିଥିଲେ। କାର୍ଯ୍ୟକ୍ରମକୁ ଅଧ୍ୟାପକ ଡ. କୈଳାସ ଚନ୍ଦ୍ର ମହାରଣା ସଂଯୋଜନା କରିଥିଲେ। କାର୍ଯ୍ୟକ୍ରମର ନୋଡାଲ ଅଫିସର ଡ. ପୂର୍ଣ୍ଣଚନ୍ଦ୍ର ସାମନ୍ତରାୟ ଓ ଆବାହକ ରୀନା ରାଉତ ଏହାକୁ ପରିଚାଳନା କରିଥିଲେ। ଅଧ୍ୟାପିକା ଝରଣା ନାଥ ଧନ୍ୟବାଦ ଦେଇଥିଲେ। ଅଧ୍ୟାପିକା ତପସ୍ୱିନୀ ନନ୍ଦ, ସୁନିତା ନନ୍ଦ, କୀର୍ତ୍ତିମୟୀ ବାରିକ, ବିଷ୍ଣୁପ୍ରିୟା ସ୍ୱାଇଁ ଓ ଅନ୍ୟ ଅଧ୍ୟାପିକା ଅଧ୍ୟାପକ କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିଲେ।

## ପାଲାଗାୟିକା ପ୍ରମିଳା କରଙ୍କ ପରଲୋକ

**ଟାଙ୍ଗୀ–ଖୋର୍ଦ୍ଧା,୨୭।୧୧(ରଘୁନାଥ ସାହୁ)**

ଟାଙ୍ଗୀ ବ୍ଲକର ଭୁଷଣ୍ଡପୁର ଗ୍ରାମପଞ୍ଚାୟତର ପ୍ରଥମ ମହିଳା ପାଲାଗାୟିକା ପ୍ରମିଳା କର(୬୫)ଙ୍କ ବୁଧବାର ଦେହାନ୍ତ ହୋଇଯାଇଛି। ଅବିବାହିତା ପ୍ରମିଳା ପିଲାଟି ଦିନରୁ ସଙ୍ଗୀତ ପ୍ରତି ରୁଚି ଥିବା କାରଣରୁ ସଦାସର୍ବଦା ହରମୋନିୟମ ଧରି ଗୀତ ଗାଉଥିଲେ। ସେ ପିଲାଟିଦିନରୁ ପାଲାଗାଇବା ଶିକ୍ଷା ଲାଭ କରି ଭୂଷଣ୍ଡପୁର ଏବଂ ଏହାର ଆଖପାଖ ପଞ୍ଚାୟତର ସର୍ବପ୍ରଥମ ମହିଳା ପାଲାଗାୟିକା ହିସାବରେ ବେଶ ସୁନାମ ଅର୍ଜନ କରିଥିଲେ। ଗାଁରେ ଯେ କୌଣସି ପାଲା, ସଙ୍ଗୀତ ହେଉ କିମ୍ବା ରାମଲୀଳା ଆଦିରେ ତାଙ୍କର ଉପସ୍ଥିତି ନିଶ୍ଚୟ ରହିଥାଏ। ଏଠିକାର ଶ୍ରୀଶ୍ରୀ ପତିତପାବନ ଭଜନ ସମାରୋହର ସେ ଜଣେ ସକ୍ରିୟ ସଭ୍ୟା ଥିଲେ। ତାଙ୍କ ମୃତ୍ୟୁରେ ସାମାଜିକ କର୍ମୀ ବିରଞ୍ଚିନାରାୟଣ ପ୍ରଧାନ, ସୁରେନ୍ଦ୍ର ସାମନ୍ତରାୟ ଏବଂ ରମେଶ ପଲାଇ ଗଭୀର ଶୋକ ପ୍ରକାଶ କରିଛନ୍ତି।

## ‘ସଙ୍କଟରେ ସମ୍ବିଧାନ’ ଶୀର୍ଷକ ଆଲୋଚନାଚକ୍ର

**ବେଗୁନିଆ,୨୭।୧୧(ହରପ୍ରସନ୍ନ ପଣ୍ଡା)**

ଆମ୍ ଆଦ୍‌ମୀ ପାର୍ଟି ପକ୍ଷରୁ ନିର୍ବାଚନମଣ୍ଡଳୀ ସ୍ତରୀୟ ୭୫ତମ ସମ୍ବିଧାନ ଦିବସ ମଙ୍ଗଳବାର ବେଗୁନିଆ ବରିଷ୍ଠ ନାଗରିକ କାର୍ଯ୍ୟାଳୟଠାରେ ପାଳିତ ହୋଇଯାଇଛି। ଏହି ଅବସରରେ ଭାରତରତ୍ନ ଡ. ବାବା ସାହେବ ଆମ୍ବେଡକରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। କାର୍ଯ୍ୟକ୍ରମରେ ବୋଲଗଡ଼ ବ୍ଲକ ସଭାପତି କିଶୋର ଚନ୍ଦ୍ର ସାହୁ ଓ ବେଗୁନିଆ ସଭାପତି କଳ୍ପତରୁ ପଣ୍ଡାଙ୍କ ଆୟୋଜନରେ ଦୁଇ ବ୍ଲକର ବୁଦ୍ଧିଜୀବୀ, ବରିଷ୍ଠ ନାଗରିକମାନେ ଉପସ୍ଥିତ ଥିଲେ। ଆୟୋଜିତ ‘ସଙ୍କଟରେ ସମ୍ବିଧାନ’ ଶୀର୍ଷକ ଆଲୋଚନାଚକ୍ରରେ ଶିକ୍ଷାବିତ୍ ପତିତପାବନ ବଳବନ୍ତରାୟଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ଆମ୍ ଆଦ୍‌ମୀ ପାର୍ଟି ରାଜ୍ୟ ସାଙ୍ଗଠନିକ ସମ୍ପାଦକ ଭରତ କୁମାର ଦାସ ଯୋଗଦେଇ ସମ୍ବିଧାନ ଜୀବନ୍ତ ଦଲିଲ ତଥା ଦୃଢ଼ ସଙ୍କଳ୍ପ ଇଚ୍ଛାପତ୍ର ଏବଂ ଜାତୀୟ ଜୀବନର ଆତ୍ମା ସଦୃଶ ବୋଲି କହିଥିଲେ। ନବନିର୍ମାଣ କୃଷକ ସଙ୍ଗଠନ ଜିଲା ସଂଯୋଜକ ସୁରେଶ ଚନ୍ଦ୍ର ମାନସିଂହ, ଏଏପିର ଜିଲା ସଭାପତି ସୁବାଶିଷ ସ୍ୱାଇଁ, ପ୍ରଶାନ୍ତ ରଣସିଂହ, ପ୍ରମୋଦ ନନ୍ଦ, ଚିତ୍ତରଞ୍ଜନ ଆଚାର୍ଯ୍ୟ, ବବିଦାସ ଗୋଛି, ଭକ୍ତବନ୍ଧୁ ପଟ୍ଟନାୟକ, ସୂର୍ଯ୍ୟକାନ୍ତ ଗୁଆଳ, ଲକ୍ଷ୍ମୀଧର ମହାପାତ୍ର, ଲକ୍ଷ୍ମଣ ସେଠୀ, ରଣଜିତ୍ ଚମ୍ପତି ପ୍ରମୁଖ ଉପସ୍ଥିତ ଥିଲେ।

## ତାଲୁକ ଆଇନ ସେବା କମିଟି ପକ୍ଷରୁ ସମ୍ବିଧାନ ଦିବସ ପାଳିତ

**ଖୋର୍ଦ୍ଧା,୨୭।୧୧(ପ୍ରଭାତ ମହାପାତ୍ର)**

ଖୋର୍ଦ୍ଧା ତାଲୁକ ଆଇନ ସେବା କମିଟି ତରଫରୁ ଖୋର୍ଦ୍ଧା ଆଇନ ମହାବିଦ୍ୟାଳୟ ପରିସରରେ ସମ୍ବିଧାନ ଦିବସ ପାଳିତ ହୋଇଯାଇଛି। ଏହାକୁ ପ୍ରଥମ ଅତିରିକ୍ତ ଜିଲାଜଜ୍ ଅଜୟ କୁମାର ପ୍ରଧାନ ଉଦ୍‌ଘାଟନ କରିଥିଲେ। ଦେୱାନୀ ଅଦାଲତ ଜଜ୍ ରାଜେଶ ରୋଶନନନ୍ଦ୍, ସିଭିଲ ଜଜ୍ (କନିଷ୍ଠ) ପ୍ରତାପ ଚନ୍ଦ୍ର ପୃଷ୍ଟି, ପ୍ରଭାତ କୁମାର ସାମଲ, ଓକିଲ ସଂଘ ସଭାପତି ଜୀବନଜ୍ୟୋତି ମିଶ୍ର, ଆଇନଜୀବୀ ବିକ୍ରମ କେଶରୀ ଚମ୍ପତି, ଆଇନ ମହାବିଦ୍ୟାଳୟର ସମ୍ପାଦକ ସୁଧୀର ମାନସିଂ, ଅଧ୍ୟାପିକା ଅନ୍ନପୂର୍ଣ୍ଣା ଦେବୀ, ଜ୍ୟୋତିର୍ମୟୀ ମିଶ୍ର ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ସମ୍ବିଧାନ ବିଭିନ୍ନ ବିଷୟରେ ଆଲୋଚନା ହୋଇଥିଲା। ସମ୍ବିଧାନରେ ଉଲ୍ଲେଖ ରହିଥିବା ମୌଳିକ କର୍ତ୍ତବ୍ୟ ଓ ଅଧିକାର ବିଷୟରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରାଯାଇଥିଲା। ଆଇନ ମହାବିଦ୍ୟାଳୟ ଛାତ୍ରୀଛାତ୍ର ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ତାଲୁକ ସମ୍ପାଦକ ବସନ୍ତ କୁମାର ଶତପଥୀ ସଂଯୋଜନା କରିଥିଲେ।




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

# ଜିଲା ପେନ୍‌ସନର୍ସ ଆସୋସିଏଶନର ବାର୍ଷିକୋତ୍ସବ

**ଖୋର୍ଦ୍ଧା,୨୭।୧୧ (ପ୍ରଭାତ କୁମାର ପାଣିଗ୍ରାହୀ)**



ଜିଲା ପେନ୍‌ସନର୍ସ ଆସୋସିଏଶନର ବାର୍ଷିକୋତ୍ସବରେ ଅତିଥି ଓ ସଦସ୍ୟମାନେ।

ଖୋର୍ଦ୍ଧା ଜିଲା ପେନ୍‌ସନର୍ସ ଆସୋସିଏଶନର ୩୫ତମ ବାର୍ଷିକ ଉତ୍ସବ ବୁଧବାର ସଭାପତି ଭୀମସେନ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଶ୍ୟାମମାଧବ ବାସନ୍ତୀ ମେମୋରିଆଲ ପାଠାଗାର ସଭାଗୃହରେ ପାଳିତ ହୋଇଯାଇଛି। ସଭାପତି ପ୍ରଧାନଙ୍କ ଉଦ୍‌ବୋଧନୀ ଭାଷଣ ପରେ ସମ୍ପାଦକ ହାଜି ନସିମୁଦ୍ଦିନ୍ ଖାଁ ସମ୍ପାଦକୀୟ ବିବରଣୀ ପାଠ ସହ ବିଭିନ୍ନ ଦାବି ଉପସ୍ଥାପନ କରିଥିଲେ। ମୁଖ୍ୟ ଅତିଥି ଭାବେ ପୂର୍ବତନ ବିଧାୟକ ଜ୍ୟୋତିରିନ୍ଦ୍ରନାଥ ମିତ୍ର ଯୋଗଦେଇ ପେନ୍‌ସନର୍ସ ଆସୋସିଏଶନ ପ୍ରତି ତାଙ୍କର ସଦିଚ୍ଛା ସହଯୋଗ ରହିବ ବୋଲି କହିଥିଲେ। ପିଏନ୍ କଲେଜର ଅବସରପ୍ରାପ୍ତ ଅଧକ୍ଷା ମମତା ଦେ ପ୍ରତି ମାସରେ ପେନ୍‌ସନ ପାଇବା ବେଳେ ଆନନ୍ଦ ଅନୁଭବ କରନ୍ତି ବୋଲି କହିଥିଲେ। ଉପଦେଷ୍ଟା ଦେବପ୍ରସାଦ ମଜୁମଦାର ଓ ଉପସଭାପତି ବିମଳ ଚନ୍ଦ୍ର ଷଡ଼ଙ୍ଗୀ ପେନ୍‌ସନଭୋଗୀଙ୍କ ବିଭିନ୍ନ ସମସ୍ୟା ନେଇ ଆଲୋଚନାକରି ସମାଧାନର ବାଟ ବତାଇଥିଲେ। ଉପଦେଷ୍ଟା ସତ୍ୟବାଦୀ ବଳିଆରସିଂ ବାର୍ଷିକ ମୁଖପତ୍ର ପ୍ରକାଶ ପାଇଁ ପ୍ରସ୍ତାବ ଦେଇଥିଲେ। କାର୍ଯ୍ୟକାରୀ ସଭାପତି ମାୟାଧର ମହାଳିକଙ୍କୁ ତାଙ୍କର ତ୍ୟାଗ ଓ ସେବା ମନୋଭାବ ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା। କେତେଜଣ ସଭ୍ୟଙ୍କୁ ପରିଚୟପତ୍ର ଦେବା ସହ ନୂତନ ସଭ୍ୟମାନଙ୍କ ନାମ ଘୋଷଣା କରାଯାଇଥିଲା। ଆସୋସିଏଶନ ପାଇଁ ସରକାରୀ ଜାଗା କିମ୍ବା ଗୃହ ଯୋଗାଇବା ପାଇଁ ଦାବିକରି ଆସୁଥିଲେ ମଧ୍ୟ ପଦକ୍ଷେପ ନିଆଯାଉ ନ ଥିବାରୁ ଉଦ୍‌ବେଗ ପ୍ରକାଶ ପାଇଥିଲା। ପେନ୍‌ସନଭୋଗୀମାନଙ୍କ ବୟସ ୭୦ ହେବା ପରେ ଶତକଡ଼ା ୧୦ କିମ୍ବା ୧୫ ଭାଗ ପେନ୍‌ସନ ବୃଦ୍ଧି ପାଇଁ ଦାବି କରାଯାଇଥିଲା। ଏହି ଅବସରରେ ଦିବଂଗତ ସଭ୍ୟାସଭ୍ୟଙ୍କ ଅମର ଆତ୍ମାର ସଦ୍‌ଗତି କାମନାକରି ୨ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। କୃଷ୍ଣଚନ୍ଦ୍ର ହରିଚନ୍ଦନ, ପ୍ରଫୁଲ୍ଲ କୁମାର ସାହୁ, ପ୍ରଫୁଲ୍ଲ କୁମାର ସାମନ୍ତରାୟ, ସାରଥି ନାୟକ, ନବ କିଶୋର ବଳିଆରସିଂହ, ଭଗବାନ ମହାପାତ୍ର, ବାଇଧର ମିଶ୍ର, ଡା. ଅମିୟ ଜେନାମଣି, ଡା. ବୈଦ୍ୟନାଥ ନାୟକ, ବ୍ରଜେଶ୍ୱର ପତି, ଶତ୍ରୁଘ୍ନ ବିଶୋୟୀ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଯୁଗ୍ମ ସମ୍ପାଦକ ବୈକୁଣ୍ଠନାଥ ମହାପାତ୍ର ଧନ୍ୟବାଦ ଦେଇଥିଲେ।

**ଶ୍ରୀମନ୍ଦିର ହୁଣ୍ଡିରୁ ଆୟ**



୨୭।୧୧।୨୦୨୪

| ୪,୩୫,୧୦୮ ଟଙ୍କା | |
|---|---|
| ସୁନା | ୧୪.୦୮୦ ଗ୍ରାମ୍ |
| ରୁପା | ୫୫.୨୦୦ ଗ୍ରାମ୍ |

# ଧାନ, ଚିନାବାଦାମ ବିହନ ପାଇଁ ଚାଷୀ ହୀନସ୍ତା

କଣାସ, ୨୭।୧୧ (ବିଭୂତି ଭୂଷଣ ତ୍ରିପାଠୀ)

କୃଷକମାନଙ୍କ ପ୍ରଗତି ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ବିଭିନ୍ନ ଯୋଜନା କରି ସୁବିଧା ଯୋଗାଇ ଦେଉଥିବା ଗଣମାଧ୍ୟମରେ ଢେଙ୍ଗୁରା ପିଟୁଥିବା ବେଳେ ପୁରୀ ଜିଲା କଣାସ ବ୍ଲକର ଚାଷୀମାନେ ଖରିଫ୍ ଧାନ ଓ ଚିନାବାଦମ ବିହନ ପାଇଁ ନାହିଁନ ଥିବା ହୀନସ୍ତା ଭୋଗୁଛନ୍ତି। କଣାସ ବ୍ଲକର କଣାସଠାରେ କୃଷି କାର୍ଯ୍ୟାଳୟ ଥିଲେ ମଧ୍ୟ ସେଠାରେ କୃଷି ଅଧିକାରୀ ପଦବୀ ଓ ୧୦ଟି ଭିଏଲଡବ୍ଲ୍ୟୁ ପୋଷ୍ଟ ଦୀର୍ଘ ଦିନ ହେବ ଖାଲିପଡ଼ିଛି। ଜଣେ ମାତ୍ର ଅତିରିକ୍ତ କୃଷି ଅଧିକାରିଣୀଙ୍କ ସହାୟତାରେ କାର୍ଯ୍ୟାଳୟ ଚାଲୁଛି। କଣାସ ଅଞ୍ଚଳରେ ପ୍ରତିବର୍ଷ ବନ୍ୟା ଓ ମରୁଡ଼ି ଯୋଗୁ ଚାଷୀମାନେ ଶାରଦ ଧାନଫସଲ ହରାଇ ଖରାଟିଆ ଓ ଚିନାବାଦମ ଚାଷ ଉପରେ ନିର୍ଭର କରିଥାନ୍ତି। ଖରାଟିଆ ଧାନବିହନ କୃଷି କାର୍ଯ୍ୟାଳୟରେ ମିଳୁ ନ ଥିବା ବେଳେ ସରକାରୀ ସ୍ୱୀକୃତିପ୍ରାପ୍ତ ମଞ୍ଜି ବିକ୍ରେତାମାନେ ଧାନ ବିହନ, ଚିନାବାଦାମ ମିଳୁ ନ ଥିବାରୁ ଚାଷୀମାନେ ଢେଙ୍କାନାଳ, ଅନୁଗୋଳ, ରାଜଆଠଗଡ଼ ପ୍ରଭୃତି ଅଞ୍ଚଳରୁ ଅଧିକ ଦରରେ କିଣୁଥିବାରୁ ଚାଷୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ବିଶେଷକରି ଗଡ଼ସାନପୁଟ, ଅଁଳାଯୋଡ଼ି, ଗଡ଼ବଡ଼ପୁଟ, ପାଣ୍ଡିଆକେରା, ଦୋକନ୍ଦା, ବଡ଼ାସ, ଗଡ଼ବଳଭଦ୍ରପୁର ଚାଷୀମାନେ ଚିନାବାଦାମ ଚାଷ ଉପରେ ନିର୍ଭର କରୁଛନ୍ତି। ସେହିପରି ଖରାଟିଆ ଧାନ ଚାଷ ପାଇଁ ଅମଳ ହେଉଥିବା ଧାନବିହନ ମିଳୁ ନ ଥିବାରୁ କଣାସ ବ୍ଲକର ଚାଷୀମାନେ ଅନ୍ୟ ବ୍ଲକରୁ ବିହନ ପାଇଁ ଦୌଡ଼ୁଥିବାରୁ ଚାଷୀମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। କଣାସଠାରେ ଥିବା ସ୍ୱୀକୃତିପ୍ରାପ୍ତ ମଞ୍ଜି ବିକ୍ରେତା ପଞ୍ଚୁପଦ୍ମା ମହିଳା ସମିତିକୁ ଧାନ ବିହନ ସମ୍ପର୍କରେ ପଚାରିବାରୁ ସେ କୁହନ୍ତି, ଦୀର୍ଘ ଏକ ମାସ ହେଲା ଧାନବିହନ ପାଇଁ ସରକାରଙ୍କ ମଞ୍ଜି ନିଗମରେ ଟଙ୍କା ଜମା କରିଥିଲେ ମଧ୍ୟ ଏପର୍ଯ୍ୟନ୍ତ ମଞ୍ଜି ପାଇନାହାନ୍ତି। କଣାସ କୃଷି କାର୍ଯ୍ୟାଳୟରେ ଅବସ୍ଥାପିତ ଅତିରିକ୍ତ କୃଷି ଅଧିକାରିଣୀ ପ୍ରତିମା ଖଣ୍ଡାୟତରାୟଙ୍କୁ ପଚାରିବାରେ ସେ କୁହନ୍ତି, ସରକାରଙ୍କ ମଞ୍ଜି ନିଗମରେ ଧାନ ବିହନ ନ ଥିବାରୁ ଆସିବାରେ ବିଳମ୍ବ ହେଉଛି। ଚିନାବାଦାମ ମଞ୍ଜି ପାଇଁ ଲେଖିଛୁ ମଞ୍ଜି ଆସିଯିବ। ଚିନାବାଦାମ ମଞ୍ଜି ଆସିବା ବେଳକୁ ଜମିରୁ ପାଗ ଛାଡ଼ି ଯାଇଥିବ। ବିଭାଗୀୟ ଉଚ୍ଚ ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି।

## ସୂର୍ଯ୍ୟମନ୍ଦିର ପରିଦର୍ଶନକଲେ ହିମାଚଳପ୍ରଦେଶ ରାଜ୍ୟପାଳ

କୋଣାର୍କ, ୨୭।୧୨ (ଜ୍ୟୋତିରାଜ ମହାନ୍ତି)

ହିମାଚଳପ୍ରଦେଶ ହିମାଚଳପ୍ରଦେଶ ରାଜ୍ୟପାଳ ଶିବପ୍ରସାଦ ଶୁକ୍ଲା ବୁଧବାର କୋଣାର୍କ ସୂର୍ଯ୍ୟମନ୍ଦିର ପରିଦର୍ଶନରେ ଆସିଥିଲେ। ପ୍ରଥମେ ବ୍ୟାଖ୍ୟାନ କେନ୍ଦ୍ର ଓ ପରେ ସୂର୍ଯ୍ୟମନ୍ଦିର ବୁଲିଥିଲେ। ସ୍ୱୀକୃତିପ୍ରାପ୍ତ ଗାଇଡ୍ ଆଭାସ ମହାନ୍ତି ସୂର୍ଯ୍ୟମନ୍ଦିର ସମ୍ପର୍କରେ ବୁଝାଇଥିଲେ। ସୂର୍ଯ୍ୟମନ୍ଦିରର ସୂକ୍ଷ୍ମ କାରୁକାର୍ଯ୍ୟ ଦେଖି ରାଜ୍ୟପାଳ ଶୁକ୍ଲା ବିମୋହିତ ହୋଇଥିଲେ। ଏହି ଗସ୍ତ ସମୟରେ ପ୍ରଶାସନିକ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଶାସନ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ଏହି ଅବସରରେ ରାଜ୍ୟପାଳ ଶୁକ୍ଲା ପୁରୀ ଶ୍ରୀମନ୍ଦିର ଯାଇ ମହାପ୍ରଭୁଙ୍କ ଦର୍ଶନ କରିଛନ୍ତି।



## ସଡ଼କ ଦୁର୍ଘଟଣାରେ ସଙ୍ଗୀତ ଗୁରୁ ଆହତ

ନିମାପଡ଼ା, ୨୭।୧୧ (ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ଅଞ୍ଚଳର ସଙ୍ଗୀତ ଗୁରୁ କୃଷ୍ଣଚନ୍ଦ୍ର ମଲ୍ଲିକ ବୁଧବାର ସଡ଼କ ଦୁର୍ଘଟଣାରେ ଆହତ ହୋଇଛନ୍ତି। କୃଷ୍ଣଚନ୍ଦ୍ର ସ୍କୁଟି ଯୋଗେ ନିମାପଡ଼ା ବଜାରରୁ ଘର ଅରିଲୋ ଗ୍ରାମକୁ ଯାଉଥିଲେ। ନିମାପଡ଼ା-ପିପିଲି ରାସ୍ତାର ଅଲଣ୍ଡି ଛକଠାରେ ଭାରସାମ୍ୟ ହରାଇ ସେ ରାସ୍ତା ଉପରେ ଖସିପଡ଼ିଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ନିମାପଡ଼ା ମେଡିକାଲରେ ଭର୍ତ୍ତି କରିଥିଲେ। ତାଙ୍କ ଗୋଡ଼ ଭାଙ୍ଗିଯାଇ ମୁଣ୍ଡରେ ଶକ୍ତ ଆଘାତ ଲାଗିବା ସହ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ହେବାରୁ କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ସେ ଏବେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ଜଣାପଡ଼ିଛି। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି।

## ଗଣତାନ୍ତ୍ରିକ ରାଷ୍ଟ୍ରରେ ଗଣମାଧ୍ୟମର ଭୂମିକା ଗୁରୁତ୍ୱପୂର୍ଣ୍ଣ




ଅସ୍ତରଙ୍ଗ ସାମ୍ବାଦିକ ସଂଘର କାର୍ଯ୍ୟକାରିଣୀ ବୈଠକରେ ଅତିଥିବୃନ୍ଦ।

ଅସ୍ତରଙ୍ଗ, ୨୭।୧୧ (ପ୍ରଦୀପ୍ତ କୁମାର ଦୀକ୍ଷିତ)

ଏକ ଆଦର୍ଶ ଓ ପରିବର୍ତ୍ତନଶୀଳ ସମାଜ ଗଠନରେ ଗଣମାଧ୍ୟମର ଭୂମିକା ଗୁରୁତ୍ୱପୂର୍ଣ୍ଣ। ସାମ୍ବାଦିକଙ୍କ ସତ୍ୟ, ନିରପେକ୍ଷ ଏବଂ ନିର୍ଭୀକ ଲେଖନୀ ଚାଳନା ଦ୍ୱାରା ଏକ ଅନ୍ଧାରି ମୂଳକ ନିଶ୍ଚିତ ରୂପେ ଆଲୋକିତ ହୋଇପାରିବ ବୋଲି ବୁଧବାର ଅସ୍ତରଙ୍ଗ ବ୍ଲକ ପୀର ଜାହାନିଆ ପୀଠରେ ଓଡ଼ିଶା କର୍ମଜୀବୀ ସାମ୍ବାଦିକ ସଂଘ ପକ୍ଷରୁ ଆୟୋଜିତ ଜିଲା କାର୍ଯ୍ୟକାରିଣୀ ଓ ସାଧାରଣ ପରିଷଦ ବୈଠକରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ଜିଲା କାର୍ଯ୍ୟକାରିଣୀ ଓ ସାଧାରଣ ପରିଷଦ ବୈଠକରେ ଜିଲା ଶାଖା ସଭାପତି ଶରତ କୁମାର ପରିଡ଼ାଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ଓୟୁଡବ୍ଲ୍ୟୁଜେ ମୁଖ୍ୟ ଉପଦେଷ୍ଟା ପ୍ରତାପ ଚନ୍ଦ୍ର ପରିଡ଼ା, ଅତିଥି ଭାବେ ଓଡ଼ିଶା କର୍ମଜୀବୀ ସାମ୍ବାଦିକ ସଂଘ ରାଜ୍ୟ ସଭାପତି ସୁଜ୍ଞାନ ଚୌଧୁରୀ, ଅତିରିକ୍ତ ଜିଲାପାଳ (ରାଜସ୍ୱ) କୈଳାସ ଚନ୍ଦ୍ର ନାୟକ, ପୁରୀ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ ଓ ଛୁରିଆନା ସରପଞ୍ଚ କ୍ଷୀରୋଦ କାଣ୍ଡି ପ୍ରମୁଖ ଉପସ୍ଥିତ ଥିଲେ। ଜିଲା ସଂଯୋଜକ ଶୋଭାକର ବେହେରା ସଭା ପରିଚାଳନା କରିଥିଲେ।

କାର୍ଯ୍ୟକ୍ରମରେ ଅତିଥିମାନେ ନିଜ ବକ୍ତବ୍ୟ ପ୍ରଦାନ ପରେ ଜିଲା କର୍ମକର୍ତ୍ତା ଚୟନ ହୋଇଥିଲା। ଜିଲା ସଭାପତି ଭାବେ ଶରତ କୁମାର ପରିଡ଼ା, ମୁଖ୍ୟ ଉପଦେଷ୍ଟା ପ୍ରତାପ ଚନ୍ଦ୍ର ପରିଡ଼ା, ଆଇନ ପରାମର୍ଶଦାତା ଅକ୍ଷୟ ପ୍ରସାଦ ମହାନ୍ତି, ଜିଲା ସଂଯୋଜକ ଶୋଭାକର ବେହେରା, ଉପସଭାପତି ଖବରଦାତା ସଞ୍ଜୟ ପ୍ରଧାନ, ସାଧାରଣ ସମ୍ପାଦକ ତ୍ରିଲୋଚନ ମିଶ୍ର, ସଂଗଠନ ସମ୍ପାଦକ ଅକ୍ଷୟ ମହାନ୍ତି, କୋଷାଧ୍ୟକ୍ଷ ବିଚିତ୍ର ଓଝା, ସାମାଜିକ ଗଣମାଧ୍ୟମ ସଂଯୋଜକ ଅଲେଖ ବିଶ୍ୱାଳ ଓ କାର୍ଯ୍ୟାଳୟ ଗଣମାଧ୍ୟମ ସଂଯୋଜକ ବୃନ୍ଦାବନ ବିଶ୍ୱାଳ ପ୍ରମୁଖ ମନୋନୀତ ହୋଇଛନ୍ତି। ଓଡ଼ିଶା ପ୍ରଶାସନିକ ସେବା ପରୀକ୍ଷାରେ କୃତିତ୍ୱ ଅର୍ଜନ କରିଥିବା ଅସ୍ତରଙ୍ଗ ମାଟିର ପୁଅ ଚିରଞ୍ଜୀବ ସାହୁ, ବ୍ଲକରେ ଚଳିତବର୍ଷର ମାଟ୍ରିକ୍ ଟପ୍ପର ୨ ଛାତ୍ର ଓ ୨ ସଫଳ ଗୃହିଣୀଙ୍କୁ ଅତିଥିଙ୍କ ଦ୍ୱାରା ମାନପତ୍ର ଓ ଉପଢୌକନ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ସ୍ଥାନୀୟ ଅଞ୍ଚଳ ଶିକ୍ଷାବିତ୍, ପୁରୀ ଜିଲାର ପ୍ରତ୍ୟେକ ବ୍ଲକର ଖବରଦାତାମାନେ ଉପସ୍ଥିତ ଥିଲେ।

### ନ୍ୟାୟ ଦାବିରେ ତହସିଲ ଅଫିସଠାରେ ବାଛନ୍ଦ ପରିବାରଙ୍କ ଧାରଣା

ନିମାପଡ଼ା, ୨୭।୧୧ (ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ବ୍ଲକ ଡମ୍ପାଲୋ ପଞ୍ଚାୟତର ପାଳଶ୍ରୀ ଗ୍ରାମରେ ରାଜନୈତିକ ଅଭିସନ୍ଧିରୁ ମୁରବୀ ୪ ପରିବାରକୁ ବାଛନ୍ଦ କରିଥିବା ନେଇ ସୋମବାର ସ୍ଥାନୀୟ ତହସିଲଦାରଙ୍କ ନିକଟରେ ସେମାନେ ଅଭିଯୋଗ କରିବା ସହ ନ୍ୟାୟ ପ୍ରଦାନ ଦାବିରେ ଧାରଣାରେ ବସିଥିଲେ। ଗ୍ରାମର ମନମୋହନ ପ୍ରଧାନ, ପୂର୍ଣ୍ଣଚନ୍ଦ୍ର ଖଟୋଇ, ଅମୟ ପ୍ରଧାନଙ୍କ ସମେତ ୪ ପରିବାରକୁ ଗତ ସାଧାରଣ ନିର୍ବାଚନ ପରଠାରୁ ନିଆଁ ପାଣି ବାସନ୍ଦ ସହ ମନ୍ଦିରକୁ ଯାତାୟାତ ବନ୍ଦ କରାଯାଇଥିବା ଅଭିଯୋଗ ଫର୍ଦ୍ଦରେ ଦର୍ଶାଯାଇଛି। ସ୍ଥାନୀୟ ପ୍ରଶାସନ ତୁରନ୍ତ ଏ ଦିଗରେ ପଦକ୍ଷେପ ନେବାକୁ ନିର୍ଯାତିତ ପରିବାର ପ୍ରଶାସନଠାରେ ଦାବି କରିଛନ୍ତି। ତହସିଲଦାର ବସନ୍ତ କୁମାର ହାତୀ କହିଛନ୍ତି, ଏ ସମ୍ପର୍କରେ ଅଭିଯୋଗ ମିଳିଛି। ଘଟଣାର ତଦନ୍ତ କରାଯାଇ ପଦକ୍ଷେପ ନିଆଯିବ। ସରପଞ୍ଚ ସସ୍ମିତା ଖଟୋଇଙ୍କୁ ପଚାରିବାରେ, ଗ୍ରାମରେ କୌଣସି ପରିବାର ଏକ ଘରିକିଆ ହୋଇ ରହିବା ଖବର ତାଙ୍କ ପାଖରେ ନ ଥିବା ସେ କହିଥିଲେ।

## ଲିଟିଲ୍‌ଷ୍ଟାର ଗ୍ରୁପ୍ ପକ୍ଷରୁ ସାହିତ୍ୟ ପାଠଚକ୍ର

ନିମାପଡ଼ା, ୨୭।୧୧ (ବିଚିତ୍ରାନନ୍ଦ ସାହୁ)

ଶିଶୁ ବିକାଶ ଲିଟିଲଷ୍ଟାର ଗ୍ରୁପ ପକ୍ଷରୁ ଶିଶୁ କିଶୋର ପତ୍ରିକା 'ମୋ ଆଶା'କୁ ନେଇ ଏକ ସୃଜନୀ କର୍ମଶାଳା, ସାହିତ୍ୟ ପାଠଚକ୍ର ଓ ପୁରସ୍କାର ବିତରଣ ସମାରୋହ ପ୍ରାକ୍ଟିସିଂ ୟୁଜିୟୁପି ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ନିର୍ମଳ ମିଶ୍ର, ଶିକ୍ଷୟିତ୍ରୀ କ୍ଷଣପ୍ରଭା ପାତ୍ର, ମାହେଶ୍ୱରୀ ଦାଶ, ଇପ୍ସିତା ପ୍ରିୟଦର୍ଶିନୀ, ତ୍ରୟଲିପ୍ତା ଦାଶ, ସ୍ନେହଲତା ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ପିଲାମାନଙ୍କ ମଧ୍ୟରେ କବିତା ରଚନା, ଚିତ୍ରାଙ୍କନ, କବିତା ପାଠ, ଛବିଦେଖି ଗଳ୍ପ ଆଦି ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ପିଲାଙ୍କ ମଧ୍ୟରେ ଲୁଚି ରହିଥିବା ଲୁକ୍କାୟିତ ପ୍ରତିଭାକୁ ଲୋକଲୋଚନକୁ ଆଣିବା, ଅନ୍ତର୍ନିହିତ ଗୁଣର ପରିପ୍ରକାଶ ହିଁ ଏହି କର୍ମଶାଳା, ସାହିତ୍ୟ ପାଠଚକ୍ରର ମୁଖ୍ୟଲକ୍ଷ୍ୟ ବୋଲି ଅତିଥିମାନେ କହିଥିଲେ। କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରିଥିଲେ। ଲିଟିଲ୍‌ଷ୍ଟାର ଗ୍ରୁପ ସମ୍ପାଦକ ସୁମନ୍ତ ମହାରଣା ଏହି ଉତ୍ସବର ସଂଯୋଜନା ଓ ପରିଚାଳନା କରିଥିଲେ।

## ୨ କାର୍ ଆରୋହୀଙ୍କୁ ଆକ୍ରମଣ

ନିମାପଡ଼ା, ୨୭।୧୧ (ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ଥାନା ଅଧୀନ ଖାମ୍ବୁଲାକୁଦ ଗ୍ରାମ ଛକଠାରେ ୨ କାର୍ ଆରୋହୀଙ୍କୁ ୩ ଯୁବକ ସଙ୍ଘବଦ୍ଧ ଆକ୍ରମଣ କରିବା ସହ ତାଙ୍କଠାରୁ ସୁନାଚେନ ଓ ମୋବାଇଲ ଲୁଟି ନେଇଛନ୍ତି। ଆକ୍ରମଣରେ କାର୍ ଆରୋହୀ ହୃଦାନନ୍ଦ ସେନାପତି ଓ ସୂର୍ଯ୍ୟନାରାୟଣ ସ୍ୱାଇଁ ନିମାପଡ଼ା ମେଡିକାଲରେ ଚିକିତ୍ସିତ ହୋଇଛନ୍ତି। ପୋଲିସ ଏନେଇ ୩ ଆକ୍ରମଣକାରୀଙ୍କ ବିରୋଧରେ ଏକ ମାମଲା (କେସ ନଂ.୩୬୯/୨୪) ରୁଜୁ କରି ତଦନ୍ତ ଚଳାଇଛି। ଭୁବନେଶ୍ୱର ଖଣ୍ଡଗିରି ଅଞ୍ଚଳର ହୃଦାନନ୍ଦ ଓ ତାଙ୍କ ସାଙ୍ଗ ସୂର୍ଯ୍ୟନାରାୟଣ ଏକ କାର୍ ଯୋଗେ ଗୋପ ଥାନା ଅଧୀନ ବେଗୁନିଆ ଅଞ୍ଚଳକୁ ଯାଉଥିଲେ। ଖାମ୍ବୁଲାକୁଦ ଅଞ୍ଚଳର ୩ ଯୁବକ ଦୁହିଁଙ୍କୁ ଗାଳିଗୁଲଜ କରିବା ସହ ସଙ୍ଘବଦ୍ଧ ଆକ୍ରମଣ କରି ଧମକଚମକ ଦେଇ ଏକ ସୁନାଚେନ ଓ ୨ଟି ମୋବାଇଲ ଲୁଟି ନେଇଥିଲେ।

## ଆଲୋଚନାଚକ୍ର, ନୂତନ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ ଉତ୍ସବ

ପୁରୀ, ୨୭।୧୧ (ଅଜିତ କୁମାର ମହାନ୍ତି)

କଲେଜ ଅଫ ଫାର୍ମାସ୍ୟୁଟିକାଲ ସାଇନସେସ୍ ମହାବିଦ୍ୟାଳୟରେ ଗତ ୩ଦିନ ଧରି ଚାଲିଥିବା ନୂତନ ଛାତ୍ରୀଛାତ୍ରଙ୍କ ସ୍ୱାଗତ ସଭା ବୁଧବାର ଉଦଯାପିତ ହୋଇଯାଇଛି। ମହାବିଦ୍ୟାଳୟର ଚେୟାରପର୍ସନ ଅନିମା ଦାସ ଏବଂ ଅଧକ୍ଷ ଡ. ଅମୀୟକାନ୍ତ ମିଶ୍ରଙ୍କ ଅଧକ୍ଷତାରେ ନିର୍ଦ୍ଦେଶକ ସନ୍ତୋଷ କୁମାର ମହାପାତ୍ର ଓ ଗଣେଷ କୁମାର ଦାସଙ୍କ ସହଯୋଗୀତାରେ କାର୍ଯ୍ୟକ୍ରମ ସମ୍ପନ୍ନ ହୋଇଥିଲା। କାର୍ଯ୍ୟକ୍ରମର ପ୍ରଥମ ଦିନ ଉପାଧକ୍ଷ ଡ. ସଞ୍ଜୟ କୁମାର ନାୟକ ନୂତନ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ ଜଣାଇ କଲେଜ ସମ୍ପର୍କରେ ସଂକ୍ଷିପ୍ତ ସୂଚନା ଦେଇଥିଲେ। ଅଧ୍ୟାପକ ରଞ୍ଜନ କୁମାର ଜେନା ଆଣ୍ଟି ରାଗିଂ ଏବଂ ଡ. ଚିନ୍ମୟ କେଶରୀ ପାଠ୍ୟ ବିଷୟବସ୍ତୁ ଉପରେ ଆଲୋକପାତ କରିଥିଲେ। ଦ୍ୱିତୀୟ ଦିନ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପ୍ରଜାପିତା ବ୍ରହ୍ମାକୁମାରୀ ଡ. ସତ୍ୟାନନ୍ଦ ଚାନ୍ଦ ଓ ସମ୍ମାନିତ ଅତିଥି ବି.କେ. ବିଭୂତିଙ୍କ ଦ୍ୱାରା 'ବିଶ୍ୱବ୍ୟାପି ମାନବୀୟ ମୂଲ୍ୟବୋଧ' ଉପରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଅଧ୍ୟାପକ ଡ. ବିଶ୍ୱରଞ୍ଜନ ରାୟ, ଅସିତ କୁମାର ଷଡ଼ଙ୍ଗୀ ଓ ବସନ୍ତ କୁମାର ବେହେରା, ରଞ୍ଜନ କୁମାର ଜେନା ପ୍ରମୁଖ ଉପସ୍ଥିତ ଥିଲେ। ବୁଧବାର ଉଦଯାପନୀରେ ମୁଖ୍ୟ ଅତିଥି ଭାବେ ସଦାଶିବ ସଂସ୍କୃତ ମହାବିଦ୍ୟାଳୟର ପୂର୍ବତନ ପ୍ରଫେସର ସ୍ନେହା ନନ୍ଦ ଓ ସମ୍ମାନିତ ଅତିଥି ଭାବେ ପୁରୀ ଇ-୨୪ ହସ୍ପିଟାଲର ପରିଚାଳନା ନିର୍ଦ୍ଦେଶକ ଇଂ. ରାଜେଶ କୁମାର ମିଶ୍ର ଯୋଗଦେଇ 'ଭାରତୀୟ ଶିକ୍ଷା ପଦ୍ଧତି' ଉପରେ ଆଲୋଚନା କରିଥିଲେ। ଅଧ୍ୟାପିକା ସୁନୀତା ମିଶ୍ର, ଅଧ୍ୟାପକ ହିମାଂଶୁ ରଞ୍ଜନ ପାଲଟାସିଂ ଅନ୍ୟ ବିଷୟବସ୍ତୁ ଉପରେ ସବିଶେଷ ବିବରଣୀ ପ୍ରଦାନ କରିଥିଲେ। ସଭାକୁ ଅଧ୍ୟାପିକା ସୁନୀତା ମିଶ୍ର, ରାଜଶ୍ରୀ ମହାନ୍ତି, ଅଧ୍ୟାପକ ଭକ୍ତ ବନ୍ଧୁ ଜେନା, ଅସିତ କୁମାର ଷଡ଼ଙ୍ଗୀ, ତୃପ୍ତି ରଞ୍ଜନ ପାଢ଼ୀ, ଅନୁପ କୁମାର ପାତ୍ର, ଅଫିସ ପରିଚାଳକ ସରୋଜ ବିହାରୀ ମିଶ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶେଷରେ ଅଧ୍ୟାପକ ଯଶସ୍ୱୀ ରାୟ ଧନ୍ୟବାଦ ଦେଇଥିଲେ।



ଛାତ୍ରୀଛାତ୍ରଙ୍କ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବରେ ଉପସ୍ଥିତ ଅତିଥିମାନେ।

### ଜବରଦଖଲ ସମସ୍ୟାରେ ତାଳପତ୍ର କାରିଗର

ପିପିଲି, ୨୭।୧୧ (ପ୍ରଭାତ କୁମାର ମହାପାତ୍ର)

ଜବରଦଖଲ ସମସ୍ୟାଘେରରେ ତାଳପତ୍ର ଭୋଗେଇ କାରିଗର। ଗାଁ ମୁଣ୍ଡରେ ଥିବା ଏକ ସରକାରୀ ଜମିକୁ ଜଣେ ବ୍ୟକ୍ତି ଜବରଦଖଲ କରିଥିବା ପିପିଲି ହାଟସାହି ପଞ୍ଚାୟତ ଲହଙ୍ଗା ଚମାରସାହିର ବାସିନ୍ଦା ଅଭିଯୋଗ କରିଛନ୍ତି। ଫଳରେ ସେମାନେ ଭୋଗେଇ ତିଆରି କରିବାରେ ସମସ୍ୟା ଭୋଗୁଥିବା ଗ୍ରାମର ୨୦ରୁ ଊର୍ଦ୍ଧ୍ୱ ଭୋଗେଇ କାରିଗର କହିଛନ୍ତି। ଶ୍ରୀମନ୍ଦିରକୁ ଭୋଗେଇ ଯୋଗାଇବାରେ ମଧ୍ୟ ହଇରାଣ ହେବାକୁ ପଡୁଛି। ଏହି ପୂର୍ବପୁରୁଷରୁ ଏହି କାରିଗରମାନେ ଗାଁ ମୁଣ୍ଡ ସରକାରୀ ଜମିରେ ତାଳପତ୍ର ଶୁଖାଇ ବିଭିନ୍ନ ଭୋଗେଇ, ବିଛଣା, ପଖିଆ ଆଦି ତିଆରି କରି ଜୀବିକା ନିର୍ବାହ କରିଥାନ୍ତି। ତେବେ ଉକ୍ତ ସ୍ଥାନରେ ଜଣେ ବ୍ୟକ୍ତି ୬ମାସ ହେବ କାଠ ଗଦା କରି ଜବରଦଖଲ କରି ରଖିଥିବା ନେଇ ଭୋଗେଇ କାରିଗରମାନେ ଅଭିଯୋଗ କରିଛନ୍ତି। ଏ ନେଇ ଗ୍ରାମବାସୀ ଗତ ଅକ୍ଟୋବର ୫ରେ ପିପିଲି ତହସିଲଦାରଙ୍କ ନିକଟରେ ଅଭିଯୋଗ କରିଥିଲେ ମଧ୍ୟ ଏଯାବତ କୌଣସି ପଦକ୍ଷେପ ନିଆଯାଇନାହିଁ। ସେପଟେ ଏଭଳି ଅଭିଯୋଗକୁ ସମ୍ପୃକ୍ତ ଜବରଦଖଲକାରୀ ଖଣ୍ଡନ କରିବା ସହ ଗ୍ରାମବାସୀଙ୍କ ଖାମୁଯାତ୍ରାରେ ସେ ଆର୍ଥିକ ସହଯୋଗ କରୁଛନ୍ତି ବୋଲି କହିଛନ୍ତି।

## ରାଷ୍ଟ୍ରୀୟ ସମ୍ବିଧାନ ଦିବସ ପାଳିତ

ବଳଙ୍ଗା, ୨୭।୧୧ (କେଦାରେଶ୍ୱର ନନ୍ଦ)

ବଳଙ୍ଗା ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ରାଷ୍ଟ୍ରୀୟ ସମ୍ବିଧାନ ଦିବସ ଅବସରରେ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଅଧ୍ୟକ୍ଷ ପ୍ରଭାତ କୁମାର ସାହୁ, ରାଜନୀତି ବିଜ୍ଞାନ ଅଧ୍ୟାପକ ବ୍ରଜବନ୍ଧୁ ପ୍ରଧାନ, ଅଧ୍ୟାପକ ବିଶ୍ୱନାଥ ପୁହାନ, ବ୍ରଜବନ୍ଧୁ ପ୍ରଧାନ ସମ୍ବିଧାନ ପ୍ରସ୍ତୁତି, ସମ୍ବିଧାନ ପ୍ରଣୟନ, ସମ୍ବିଧାନ କାର୍ଯ୍ୟକାରିତା, ସମ୍ବିଧାନ ସଂଶୋଧନର ଆବଶ୍ୟକତା ଉପରେ ବିଶେଷ ତଥ୍ୟ ପରିବେଷଣ କରିଥିଲେ। ଅଧ୍ୟାପକ ଡ. ପ୍ରଦୋଷ କୁମାର ପତି ସମ୍ବିଧାନର 'ପ୍ରସ୍ତାବନା' ସମସ୍ତଙ୍କୁ ପଠନ କରାଇଥିଲେ।

**ଅସ୍ତରଙ୍ଗ (ପ୍ରଦୀପ୍ତ ଦୀକ୍ଷିତ/ ମମତା ଜେନା):** ଅସ୍ତରଙ୍ଗ ବ୍ଲକ ପଡ଼ିଆରେ ଛାତ୍ରୀଛାତ୍ର ଓ ବୁଦ୍ଧିଜୀବୀଙ୍କ ଉପସ୍ଥିତିରେ ସମ୍ବିଧାନ ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଅତିଥି ଭାବେ ମଣ୍ଡଳ ଉନ୍ନୟନ ଅଧିକାରିଣୀ ସସ୍ମିତା ବେହେରା, ଶିକ୍ଷାବିତ୍ କାଳନ୍ଦୀ ଚରଣ ଛାଟୋଇ, ମଣ୍ଡଳ ଶିକ୍ଷାଧିକାରୀ ଶତ୍ରୁଘ୍ନ ବେହେରା, ସାମାଜିକ କର୍ମୀ ଦିବାକର ଛାଟୋଇ, ଅସ୍ତରଙ୍ଗ ସରପଞ୍ଚ ରାମଚନ୍ଦ୍ର କାଣ୍ଡିଙ୍କ ଉପସ୍ଥିତିରେ ଡ. ବାବା ସାହେବ ଆମ୍ବେଡକରଙ୍କ ଫଟୋଚିତ୍ରରେ ପୁଷ୍ପ ମାଲ୍ୟାର୍ପଣ କରାଯାଇଥିଲା।

ସେହିପରି କାକଟପୁର ମଙ୍ଗଳା ମହାବିଦ୍ୟାଳୟରେ ସମ୍ବିଧାନ ଦିବସ ପାଳିତ ହୋଇଛି। ଅଧକ୍ଷ ଡ. ବିନୋଦ ବିହାରୀ ବେହୁରା ସମ୍ବିଧାନ ପ୍ରସ୍ତାବନା ପାଠକରି ଛାତ୍ରୀଛାତ୍ର, ଅଧ୍ୟାପିକା ଓ ଅଧ୍ୟାପକଙ୍କୁ ଶପଥ ପାଠ କରାଇଥିଲେ।

**ଡେଲାଙ୍ଗ, (ରଶ୍ମିରଞ୍ଜନ ପ୍ରଧାନ):** ଡେଲାଙ୍ଗ ବ୍ଲକର ବିଭିନ୍ନ ପଞ୍ଚାୟତରେ ମଙ୍ଗଳବାର ସମ୍ବିଧାନ ଦିବସ ପାଳିତ ହୋଇଯାଇଛି। ବିଡିଓ କ୍ଷିତୀଶ ବେହେରା, ସହକାରୀ ନିର୍ବାହୀଯନ୍ତ୍ରୀ ସୁବ୍ରତ ବାରିକ, ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ରତିକାନ୍ତ ସାହୁ, କନିଷ୍ଠ ଯନ୍ତ୍ରୀ ଚିତ୍ରୋତ୍ପଳା ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଶ୍ରେଷ୍ଠ ବକ୍ତୃତା ପାଇଁ ସ୍ଥାନୀୟ ଛାତ୍ରୀ ବିଶ୍ୱଜନ୍ମା ସେଠୀଙ୍କ ସହ ଅମାଲଙ୍ଗ ଉପ୍ରା ବିଦ୍ୟାଳୟର ୨ ଛାତ୍ରୀଛାତ୍ରଙ୍କୁ ସରପଞ୍ଚ ଦୀପକ ସାହୁ ପୁରସ୍କାର ପ୍ରଦାନ କରିଥିଲେ।

**ଗୋପ, (ଭାରତୀ ଭୂଷଣ ଉପାଧ୍ୟାୟ):** ଗୋପ କଲେଜ ଅଧକ୍ଷା ପ୍ରିୟମ୍ବଦା ପଣ୍ଡାଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ସମ୍ବିଧାନ ଦିବସ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଗୋପ କଲେଜ ପରିଚାଳନା କମିଟି ସଭାପତି ପ୍ରକାଶ ଚନ୍ଦ୍ର ଖଟୋଇ ଯୋଗଦେଇ ଭାରତୀୟ ସମ୍ବିଧାନର ମୌଳିକତା ବିଷୟରେ ବକ୍ତବ୍ୟ ରଖିଥିଲେ। କଲେଜର ପ୍ରଶାସନିକ ଅଧିକାରୀ ବିଭୂତି ଭୂଷଣ ସେନାପତି, ଅଧ୍ୟାପିକା ପ୍ରତିମା ଦେଈ, ଅଧ୍ୟାପକ ସିଦ୍ଧାର୍ଥ ଶଙ୍କର ସାହୁ, ଅମିତାଭ ମହାନ୍ତି, ବାପିନା ସ୍ୱାଇଁ, ସୌମ୍ୟରଞ୍ଜନ ନାୟକ, ମହେନ୍ଦ୍ର ପ୍ରଧାନ ପ୍ରମୁଖ ଯୋଗଦେଇ ଭାରତ ସମ୍ବିଧାନର ନୀତି ନିୟମ, ମର୍ଯ୍ୟାଦା, ଜାତୀୟ ସଂହତି ପ୍ରମୁଖ ବିଷୟରେ ବିଶେଷ ଆଲୋକପାତ କରିଥିଲେ।

**ପିପିଲି (ଦୁର୍ଗା ମାଧବ ମିଶ୍ର):** ପିପିଲି ବ୍ଲକ ଅଧୀନ ଗୋବିନ୍ଦପୁର କ୍ଲଷ୍ଟରର ଅଡଙ୍ଗପଡ଼ା ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟ, ଆରୁହା ୟୁଜିୟୁପି, ହରିଅନ୍ତା ପିୟୁପି, ନୀଳକଣ୍ଠ ନୋଡାଲ ୟୁପି, ଗୋବିନ୍ଦପୁର ନୋଡାଲ ୟୁପି, କଣ୍ଟାପଡ଼ା ପ୍ରାଥମିକ ବିଦ୍ୟାଳୟ, କୁଞ୍ଜର ପ୍ରାଥମିକ ବିଦ୍ୟାଳୟ, ତଳଉ ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟ, ଶିଉଳା କେନ୍ଦ୍ର ପ୍ରାଥମିକରେ ସିଆର୍‌ସିସି ଚିନ୍ତାମଣି ଓଝାଙ୍କ ତତ୍ତ୍ୱାବଧାନରେ ଏହି ଦିବସ ପାଳିତ ହୋଇଯାଛି।

## ସୁସ୍ଥ ପଞ୍ଚାୟତ ପ୍ରଶିକ୍ଷଣ ଶିବିର

ଡେଲାଙ୍ଗ, ୨୭।୧୧ (ରଶ୍ମିରଞ୍ଜନ ପ୍ରଧାନ)

ପଞ୍ଚାୟତସ୍ତରରେ ପରିବେଶକୁ ସ୍ୱଚ୍ଛ ରଖିବା ସହ ସ୍ୱାସ୍ଥ୍ୟକର ସୁବିଧା ସୁଯୋଗ ପ୍ରଦାନ ଲକ୍ଷ୍ୟ ନେଇ ଡେଲାଙ୍ଗ ବ୍ଲକ୍ ସମ୍ମିଳନୀ କକ୍ଷରେ ଏକଦିବସୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଗୋଷ୍ଠୀ ଉନ୍ନୟନ ଅଧିକାରୀ କ୍ଷିତୀଶ ବେହେରା, ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ରତିକାନ୍ତ ସାହୁ, କମ୍ପ୍ୟୁଟର ବୈଷୟିକ ଅଧିକାରୀ ସତ୍ୟପୀର ବେହେରା, ସରପଞ୍ଚ ହରିହର ସ୍ୱାଇଁ, ସ୍ନେହଲତା ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ଆମପଡ଼ାରେ ସରୁନି ପାଣି ଟାଙ୍କି କାମ, ତଦନ୍ତ ଦାବି

ଯୋଗେଶ୍ୱରପୁର, ୨୭।୧୧ (ରଶ୍ମିରଞ୍ଜନ ସାହୁ)

ରାଜ୍ୟ ସରକାର ଗ୍ରାମାଞ୍ଚଳରେ ଲୋକଙ୍କୁ ବିଶୁଦ୍ଧ ପାନୀୟଜଳ ଯୋଗାଇଦେବା ପାଇଁ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବସୁଧା ଯୋଜନା ଆରମ୍ଭ କରିଥିଲେ। କିନ୍ତୁ ଏହି ପ୍ରକଳ୍ପ ନିର୍ମାଣକୁ ୨ ବର୍ଷ ବିତିଯାଇଥିଲେ ସୁଦ୍ଧା କେତେକ ଗ୍ରାମରେ ଏବେ ବି ଅଧାପନ୍ତରିଆ ହୋଇ ପଡ଼ିରହିଛି। ତେଣୁ ଲୋକମାନେ ପାନୀୟଜଳ ପାଇଁ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପ୍ରକାଶ ଯେ, ନୟାହାଟ ଫାଣ୍ଡି ଅନ୍ତର୍ଗତ ଇଶାଣପୁର ପଞ୍ଚାୟତ ଆମପଡ଼ା ଗ୍ରାମରେ ବସୁଧା ଯୋଜନାରେ ପାଇପ୍ ଦ୍ୱାରା ପ୍ରତି ପରିବାରକୁ ବିଶୁଦ୍ଧ ପାନୀୟଜଳ ଯୋଗାଇଦେବା ପାଇଁ ନିର୍ମାଣ ଚାଲୁଥିବା ପାଣିଟାଙ୍କି କାର୍ଯ୍ୟ ସରୁ ନ ଥିବାରୁ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଉକ୍ତ ପାଣିଟାଙ୍କି କାର୍ଯ୍ୟ ନିମ୍ନମାନର କରାଯାଉଥିବା ସାଧାରଣରେ ଅଭିଯୋଗ ହୋଇଛି। ଏହାର ଉଚ୍ଚସ୍ତରୀୟ ତଦନ୍ତ ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

## କୋଣାର୍କ ଉତ୍ସବ ପ୍ରସ୍ତୁତିର ସମୀକ୍ଷାକଲେ ଜିଲାପାଳ

ପୁରୀ, ୨୭।୧୧ (ଅଜିତ କୁମାର ମହାନ୍ତି)

ଡିସେମ୍ବର ୧ରୁ ଆରମ୍ଭ ହେବାକୁ ଥିବା କୋଣାର୍କ ଉତ୍ସବ ଓ ବାଲୁକା କଳା ଉତ୍ସବର ପ୍ରସ୍ତୁତି ନେଇ ବୁଧବାର ଜିଲାପାଳଙ୍କ ଆବାସିକ କାର୍ଯ୍ୟାଳୟରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଅଧକ୍ଷତା କରିବା ସହ ଉତ୍ସବକୁ ସୁନ୍ଦର ଓ ଶୃଙ୍ଖଳିତ ଭାବେ ପରିଚାଳନା କରିବାକୁ ଯେଉଁ ବିଭାଗକୁ ଯେଉଁ ଦାୟିତ୍ୱ ଦିଆଯାଇଛି ତାହାକୁ ଉତ୍ତରଦାୟୀ ଭାବେ ନିର୍ଦ୍ଧାରିତ ସମୟରେ ସମ୍ପନ୍ନ କରିବାକୁ ପରାମର୍ଶ ଦେଇଛନ୍ତି। ନିରବଚ୍ଛିନ୍ନ ବିଦ୍ୟୁତ ଯୋଗାଣ, ପାନୀୟଜଳ ବ୍ୟବସ୍ଥା, ବେଳାଭୂମି, ଉତ୍ସବସ୍ଥଳ, ମେଳା ସ୍ଥାନ ଓ ସହରକୁ ପରିଷ୍କାର ପରିଚ୍ଛନ୍ନ ରଖିବା, କୋଣାର୍କ ମନ୍ଦିର ଓ ରାମଚଣ୍ଡୀ ପର୍ଯ୍ୟନ୍ତ ରାସ୍ତା ଆଲୋକୀକରଣ, ସ୍ୱାସ୍ଥ୍ୟସେବା, ଅଗ୍ନି ନିର୍ବାପକ ବ୍ୟବସ୍ଥା ସମ୍ପର୍କରେ ଜିଲାପାଳ ସମୀକ୍ଷା କରିଥିଲେ। ଦେଶବିଦେଶରୁ ଅନେକ ପର୍ଯ୍ୟଟକ କୋଣାର୍କକୁ ଆସିବେ। ସେମାନେ ଆମର ଅତିଥି।

ସେମାନଙ୍କୁ ଉଚିତ ବ୍ୟବହାର ଓ ସମ୍ମାନ ଜଣାଇବା ଆମ ସମସ୍ତଙ୍କ କର୍ତ୍ତବ୍ୟ। ଏକ ସୁଖଦ ଅନୁଭୂତି ନେଇ ପର୍ଯ୍ୟଟକମାନେ ଯେପରି ଫେରିବେ ସେଥିପାଇଁ ଆମେ ସମସ୍ତେ ସଚେତନ ରହିବାକୁ ଜିଲାପାଳ ପରାମର୍ଶ ଦେଇଥିଲେ। ବୈଠକରେ ଅତିରିକ୍ତ ଜିଲାପାଳ (ରାଜସ୍ୱ) କୈଳାସ ଚନ୍ଦ୍ର ନାୟକ, ଅତିରିକ୍ତ ଜିଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରା, ପର୍ଯ୍ୟଟନ ସହକାରୀ ନିର୍ଦ୍ଦେଶକ ସରୋଜକାନ୍ତ ପ୍ରଧାନ, ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପ୍ରଦୀପ୍ତ କୁମାର ସେନାପତି, ଗୋପ ବିଡିଓ, ତହସିଲଦାର, କୋଣାର୍କ ଏନ୍‌ଏସି ନିର୍ବାହୀ ଅଧିକାରୀଙ୍କ ସମେତ ଜିଲାସ୍ତରୀୟ ଓ ଲାଇନ ଡିପାର୍ଟମେଣ୍ଟ ଅଧିକାରୀ ଉପସ୍ଥିତ ଥିଲେ।

## ପୁରୁଷୋତ୍ତମ ମାହାତ୍ମ୍ୟ ସମ୍ପର୍କରେ ଆଲୋଚନା

ପୁରୀ, ୨୭।୧୧ (ଅଜିତ କୁମାର ମହାନ୍ତି)

କେନ୍ଦ୍ର ସାହିତ୍ୟ ଏକାଡେମୀ ଏବଂ କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ, ଶ୍ରୀସଦାଶିବ ପରିସର ମିଳିତ ଆନୁକୂଲ୍ୟରେ ଆୟୋଜିତ 'ସ୍କନ୍ଦ ପୁରାଣରେ ପୁରୁଷୋତ୍ତମ ଶ୍ରୀଜଗନ୍ନାଥ' ଶୀର୍ଷକ ଜାତୀୟ ଆଲୋଚନାଚକ୍ର ବୁଧବାର ଉଦଯାପିତ ହୋଇଯାଇଛି। କୁଳପତି ପ୍ରଫେସର୍ ଶ୍ରୀନିବାସ ବରଖେଡ଼ିଙ୍କ ତତ୍ତ୍ୱାବଧାନ ଏବଂ ପରିସର ନିର୍ଦ୍ଦେଶକ ପ୍ରଫେସର ବନମାଳୀ ବିଶ୍ୱାଳଙ୍କ ଅଧକ୍ଷତାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଉଦ୍‌ଯାପନୀ ସଭାରେ ପ୍ରଫେସର୍ କିଶୋର ଚନ୍ଦ୍ର ଦଳେଇ ସ୍ୱାଗତ ଭାଷଣ ଦେଇଥିଲେ। ମୁଖ୍ୟ ଅତିଥି ଭାବେ ପ୍ରଫେସର ଅରୁଣ ରଞ୍ଜନ ମିଶ୍ର, ସମ୍ମାନିତ ଅତିଥିଭାବେ ସାହିତ୍ୟିକ ବଦ୍ରୀ ମିଶ୍ର, ବିଶିଷ୍ଟ ଅତିଥି ଭାବେ ପଣ୍ଡିତ ନରେଶ ଚନ୍ଦ୍ର ଦାଶ, ଏବଂ ପ୍ରଫେସର ବୁଦ୍ଧେଶ୍ୱର ଷଡ଼ଙ୍ଗୀ ମଞ୍ଚାସୀନ ଥିଲେ। ପ୍ରଥମ ବୈଷୟିକ ଅଧିବେଶନରେ ପ୍ରଫେସର୍ ବନମାଳୀ ବିଶ୍ୱାଳ ସଭାପତିତ୍ୱ କରିଥିଲେ। ପ୍ରଫେସର ସୂର୍ଯ୍ୟମଣି ରଥ, ପ୍ରଫେସର ଶ୍ରୀନିବାସ ଆଚାର୍ଯ୍ୟ, ପ୍ରଫେସର ଜ୍ଞାନରଞ୍ଜନ ପଣ୍ଡା ପ୍ରମୁଖ ଆଲୋଚକ ଭାବେ ଯୋଗଦେଇ ଜଗନ୍ନାଥ ତତ୍ତ୍ୱ, ପୁରୁଷୋତ୍ତମ ତତ୍ତ୍ୱ କିଭଳି ସ୍କନ୍ଦ ପୁରାଣରେ ବର୍ଣ୍ଣିତ ହୋଇଛି ସେ ସଂକ୍ରାନ୍ତରେ ଆଲୋଚନା କରିଥିଲେ। ସେହିପରି ଦ୍ୱିତୀୟ ଅଧିବେଶନରେ ଜାତୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ, ତିରୁପତିର ପ୍ରାକ୍ତନ କୁଳପତି ତଥା କେନ୍ଦ୍ର ସାହିତ୍ୟ ଏକାଡେମୀ, ନୂଆଦିଲ୍ଲୀର ସଂସ୍କୃତ ଉପଦେଷ୍ଟା ମଣ୍ଡଳୀ ଆବାହକ ପ୍ରଫେସର ହରେକୃଷ୍ଣ ଶତପଥୀ ସଭାପତିତ୍ୱ କରିଥିଲେ। ଆଲୋଚନାଚକ୍ରରେ ଡ. ଶ୍ୱେତପଦ୍ମା ଶତପଥୀ, ଡ. ଗୋପାଳ ଚନ୍ଦ୍ର ଦାଶ, ଡ. ମଧୁସୂଦନ ମିଶ୍ର, ଡ. ପରମ୍ବା ଯୋଗମାୟା ପ୍ରମୁଖ ଆଲୋଚକ ଭାବେ ମଞ୍ଚାସୀନ ଥିଲେ। ନନ୍ଦିଘୋଷ ରଥ, ଗୁଣ୍ଡିଚା ଯାତ ଓ ପୁରୁଷୋତ୍ତମ ମାହାତ୍ମ୍ୟ ସମ୍ପର୍କରେ ଆଲୋଚନା ହୋଇଥିଲା। ସେହିପରି ତୃତୀୟ ଓ ଚତୁର୍ଥ ବୈଷୟିକ ଅଧିବେଶନରେ ପ୍ରଫେସର୍ ମହେଶ ଝା ଏବଂ ପ୍ରଫେସର ଧର୍ମେନ୍ଦ୍ର ସିଂହଦେଓ ସଭାପତିତ୍ୱ କରିଥିଲେ। ଏଥିରେ ଅଧ୍ୟାପିକା, ଅଧ୍ୟାପକ, ଗବେଷିକା ଗବେଷକ ଏବଂ ଛାତ୍ରୀଛାତ୍ରମାନେ ସ୍ୱରଚିତ ପ୍ରବନ୍ଧ ପାଠ କରିଥିଲେ। କାର୍ଯ୍ୟକ୍ରମ ସଂଯୋଜକ ଭାବେ ସୁଶାନ୍ତ କୁମାର ରାଜ, ଯୁଗ୍ମ ସଂଯୋଜକ ଅଧ୍ୟାପକ ବିଶ୍ୱନାଥ ମିଶ୍ର ରହିଥିଲେ। ଡ. ସିଦ୍ଧାର୍ଥ ଶଙ୍କର ଦାଶ, ଡ. ଅନିଲ୍ କୁମାର ଦାଶ, ଡ. ସନ୍ଦୀପ ଚାଟାର୍ଜୀ ବୈଷୟିକ ଅଧିବେଶନକୁ ସଂଯୋଜନା କରିଥିଲେ। ଅଧ୍ୟାପକ ବିଶ୍ୱନାଥ ମିଶ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ ପ୍ରଫେସର୍ ଶମ୍ଭୁନାଥ ମହାଳିକ ଧନ୍ୟବାଦ ଦେଇଥିଲେ।




ଉଦ୍‌ଯାପନୀ ଉତ୍ସବରେ ଉପସ୍ଥିତ ଅତିଥିମାନେ।

# ‘ଉତ୍କଳୀୟ ନବଅସ୍ମିତା ସ୍ୱପ୍ନ ସାକାର କରୁଛି ଉତ୍କଳ ବିଶ୍ୱବିଦ୍ୟାଳୟ’

**୮୨ତମ ପ୍ରତିଷ୍ଠା ଦିବସ**

**ପୁରସ୍କୃତ ହେଲେ ୪୩ଜଣ ଛାତ୍ରୀଛାତ୍ର**

ଭୁବନେଶ୍ୱର,୨୭।୧୧ (ସୁଚିସ୍ମିତା ସାହୁ)




ଅତିଥିଙ୍କ ସହ ଉତ୍କଳ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସବିତା ଆଚାର୍ଯ୍ୟ ଜଣେ ଛାତ୍ରୀଙ୍କୁ ପୁରସ୍କୃତ କରୁଛନ୍ତି।

ଉତ୍କଳ ବିଶ୍ୱବିଦ୍ୟାଳୟ ହେଉଛି ଯୋଗଜନ୍ମାଙ୍କ ଅନ୍ତୁଡିଶାଳ। ଏହି ବିଶ୍ୱବିଦ୍ୟାଳୟରେ ଅଧ୍ୟୟନ କରି ବହୁ ଛାତ୍ରୀଛାତ୍ର ଦେଶ ବିଦେଶରେ ନିଜକୁ ପ୍ରତିପାଦିତ କରିବା ସହିତ ଓଡ଼ିଶା ପାଇଁ ଗର୍ବ ଓ ଗୌରବ ଆଣି ଦେଇଛନ୍ତି। ଉତ୍କଳୀୟ ନବଅସ୍ମିତାର ସ୍ୱପ୍ନକୁ ସାକାର କରିବାକୁ ଏକ ସମୁନ୍ନତ ଭବିଷ୍ୟତର ପରିକଳ୍ପନା ରଖୁଛି ଉତ୍କଳ। ଏହି ସଫଳ ଅନୁଷ୍ଠାନର ଛାତ୍ରୀଛାତ୍ର ଜଣେ ଜଣେ ବିଶ୍ଳେଷଣାତ୍ମକ ଚିନ୍ତକ ହୁଅନ୍ତୁ ବୋଲି ବୁଧବାର ଉତ୍କଳ ବିଶ୍ୱବିଦ୍ୟାଳୟର ୮୨ତମ ପ୍ରତିଷ୍ଠା ଉତ୍ସବରେ ବକ୍ତାମାନେ ମତ ପ୍ରକାଶ କରିଛନ୍ତି।

ବିଶ୍ୱବିଦ୍ୟାଳୟର ଏମ୍‌କେସିଜି ଅଡିଟୋରିୟମରେ କୁଳପତି ପ୍ରଫେସର ସବିତା ଆଚାର୍ଯ୍ୟଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉତ୍ସବରେ ସମ୍ମାନିତ ଅତିଥି ଭାବେ ରେଭେନ୍‌ଶା ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସଞ୍ଜୟ କୁମାର ନାୟକ ଯୋଗଦେଇ କହିଲେ, ସବୁ ବିଶ୍ୱବିଦ୍ୟାଳୟର ଜନନୀ ହେଉଛି ଉତ୍କଳ ବିଶ୍ୱବିଦ୍ୟାଳୟ। କିନ୍ତୁ ରେଭେନ୍‌ଶାରୁ ସୃଷ୍ଟି ହୋଇଛି ଉତ୍କଳ। ଶ୍ରେଷ୍ଠ ଛାତ୍ରୀଛାତ୍ର ସୃଷ୍ଟି କରିବାରେ ଏହାର ଭୂମିକା ଅନନ୍ୟ। ତେବେ ଜାତୀୟ ଶିକ୍ଷା ନୀତି କାର୍ଯ୍ୟକାରୀ କରିବାରେ ଉତ୍କଳ ବିଶ୍ୱବିଦ୍ୟାଳୟକୁ ସେ ପ୍ରଶଂସା କରିବା ସହିତ ଶିକ୍ଷା ଓ ଗବେଷଣା କ୍ଷେତ୍ରରେ ଦୁଇ ବିଶ୍ୱବିଦ୍ୟାଳୟ ମିଳିତ ଭାବେ କାର୍ଯ୍ୟ କରିବା ଉପରେ ଗୁରୁତ୍ୱ ଦେଇଥିଲେ।

ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ତେଜ ପ୍ରତାପ ମୁଖ୍ୟବକ୍ତା ଭାବେ ଯୋଗଦେଇ କହିଲେ, ଶିକ୍ଷାୟତନରେ ଶୈକ୍ଷିକ ବାତାବରଣ ସୃଷ୍ଟି ଏବଂ ଗୁଣାତ୍ମକ ଶିକ୍ଷାଦାନ ବେଶ୍ ଗୁରୁତ୍ୱପୂର୍ଣ୍ଣ। ଛାତ୍ରୀଛାତ୍ର ପାରମ୍ପରିକ ଶିକ୍ଷା ସହିତ କିଭଳି ବିଶ୍ୱସ୍ତରୀୟ ଶିକ୍ଷା ଆହରଣ କରିପାରିବେ ଏବଂ ଏଥିସହ ସେମାନଙ୍କୁ ବୈଷୟିକ ଶିକ୍ଷା ଓ ପ୍ରଶିକ୍ଷଣ ଦିଆଯିବା ଜରୁରୀ। ଏ କ୍ଷେତ୍ରରେ ଅତୀତର ଅଭିଜ୍ଞତା ହିଁ ବର୍ତ୍ତମାନ ଯୋଜନାକୁ ସଫଳ ରୂପାୟନ ଦେବାରେ ସହାୟକ ହୋଇପାରିବ ବୋଲି କୁଳପତି ପ୍ରକାଶ କରିଥିଲେ। ସଭାପତିତ୍ୱ ଅଭିଭାଷଣ ରଖି କୁଳପତି ପ୍ରଫେସର ସବିତା ଆଚାର୍ଯ୍ୟ କହିଲେ, ଉତ୍କଳ ବିଶ୍ୱବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କ ପାଇଁ ଉଚ୍ଚମାନର ଗବେଷଣା ପରିବେଶ ଏବଂ ଶୈକ୍ଷିକ ବାତାବରଣରେ ଗୁଣାତ୍ମକ ଶିକ୍ଷା ଗ୍ରହଣ ନିମନ୍ତେ ବିଶ୍ୱସ୍ତରୀୟ ଭିତ୍ତିଭୂମି ବିକାଶ କରାଯାଇଛି। ଏହା ରାଜ୍ୟର ସର୍ବ ପୁରାତନ ଅଗ୍ରଣୀ ବିଶ୍ୱବିଦ୍ୟାଳୟ ହୋଇଥିବାବେଳେ ଏଠାରେ ବୌଦ୍ଧିକ ଓ ମୂଲ୍ୟବୋଧ ଭିତ୍ତିକ ଶିକ୍ଷାଦାନକୁ ଗୁରୁତ୍ୱ ଦିଆଯାଉଛି। ଛାତ୍ରୀଛାତ୍ର ପାଠ ପଢ଼ିବା ସହିତ ବିଭିନ୍ନ କ୍ଷେତ୍ରରେ ସଫଳତା ପାଇବା ଲାଗି ପ୍ରଶିକ୍ଷଣ ଏବଂ ଆତ୍ମନିର୍ଭରଶଳୀ ନିମନ୍ତେ ପରାମର୍ଶ ତଥା ବୈଷୟିକ ସହାୟତା ଯୋଗାଇ ଦିଆଯାଉଛି। ବିଶ୍ୱବିଦ୍ୟାଳୟ ଓ ଏହା ଅଧୀନରେ ଥିବା ୟୁକ୍ତ୩ ଡିଗ୍ରୀ କଲେଜଗୁଡ଼ିକରେ ନୂଆ ଜାତୀୟ ଶିକ୍ଷାନୀତିକୁ କାର୍ଯ୍ୟକାରୀ କରାଯାଇଥିବା ସେ ସୂଚନା ଦେଇଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ଉତ୍କର୍ଷ ପ୍ରତିପାଦିତ କରିଥିବା ବିଶ୍ୱବିଦ୍ୟାଳୟର ୪୩ଜଣ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ ଓ ପୁରସ୍କୃତ କରାଯାଇଥିଲା। ଉତ୍କଳ ବିଶ୍ୱବିଦ୍ୟାଳୟ କୁଳସଚିବ ଡ. କାହ୍ନୁଚରଣ ଧୀର ବିବରଣୀ ପାଠ କରିଥିବାବେଳେ ଛାତ୍ରମଙ୍ଗଳ ନିର୍ଦ୍ଦେଶକ(ଡିଏସ୍‌ଡବ୍ଲ୍ୟୁ) ପ୍ରଫେସର ନିଗମାନନ୍ଦ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।



ଡିସେମ୍ବର ୪ ନୌସେନା ଦିବସ ପାଳନ ଉପଲକ୍ଷେ ପୁରୀ ବେଳାଭୂମିରେ ବୁଧବାର ଅନୁଷ୍ଠିତ ଅଭ୍ୟାସ ପରେଡ୍। (ଫଟୋ– ଯଜ୍ଞେଶ୍ୱର ମହାନ୍ତି)

# ବ୍ଲୁ ଫ୍ଲାଗ୍ ବିଚ୍‌ରେ ଦେଖିବାକୁ ମିଳିବ ଯୁଦ୍ଧ କୌଶଳ

■ସାମିଲ ହେବ ୨୫ ଯୁଦ୍ଧ ଜାହାଜ, ୪୦ ଏୟାରକ୍ରାଫ୍ଟ

■ପୁରୀରେ ପ୍ରଥମ ଥର ପାଳନ ହେବ ନୌସେନା ଦିବସ

ପୁରୀ,୨୭।୧୧ (ଅଜିତ୍ କୁମାର ମହାନ୍ତି)



ଯୁଦ୍ଧ କୌଶଳ ପ୍ରଦର୍ଶନ ପାଇଁ ଆସିଥିବା ଟ୍ୟାଙ୍କର।

ପ୍ରଥମଥର ପାଇଁ ପୁରୀରେ ଡିସେମ୍ବର ୪ରେ ନୌସେନା ଦିବସ ପାଳନ ହେବାକୁ ଯାଉଛି। ଉକ୍ତ ଦିନ ନୌସେନା ପକ୍ଷରୁ ବ୍ଲୁ ଫ୍ଲାଗ୍ ବିଚ୍‌ରେ ଯୁଦ୍ଧ କୌଶଳ ପ୍ରଦର୍ଶନ କରାଯିବ। ଏଥିଲାଗି ଜୋରଦାର ପ୍ରସ୍ତୁତି ଚାଲିଥିବା ବେଳେ ବୁଧବାର ଗୋଟିଏ ଯୁଦ୍ଧ ଜାହାଜ ଓ ୪ଟି ଯୁଦ୍ଧ ଟ୍ୟାଙ୍କ ଆସି ପହଞ୍ଚିଛି। ଆଗକୁ ଅନେକ ଜାହାଜ, ଯୁଦ୍ଧ ବିମାନ, ହେଲିକପ୍ଟର ସହିତ ସାମରିକ ସାମଗ୍ରୀ ଆସିବ ବୋଲି ଜଣାପଡ଼ିଛି। ନୌସେନା ଦିବସ ଅବସରରେ ୨୫ଟି ଯୁଦ୍ଧ ଜାହାଜ ସହ ୪୦ଟି ଏୟାରକ୍ରାଫ୍ଟ ଏବଂ ସାମରିକ କମାଣ୍ଡୋ ସାମିଲ୍ ହୋଇ ବିଭିନ୍ନ କଳା କୌଶଳ ପ୍ରଦର୍ଶନ କରିବେ। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେବେ। ସେହିପରି ପ୍ରତିରକ୍ଷା ମନ୍ତ୍ରୀଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତିବିଶେଷ ଏବଂ ନୌସେନାର ବରିଷ୍ଠ ଅଧିକାରୀମାନେ ଯୋଗଦେବେ ବୋଲି ସୂଚନା ମିଳିଛି। ଏହାକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ଜୋରଦାର ପ୍ରସ୍ତୁତି ଚାଲିଛି। ପୁରୀ ରାଜଭବନରେ ରାଷ୍ଟ୍ରପତି ରହିବାକୁ ଥିବାରୁ ରାଜଭବନକୁ ନବବଧୂ ଭଳି ସଜାଯାଉଛି। ସେହିପରି ବ୍ଲୁ ଫ୍ଲାଗ୍ ବିଚ୍‌ରେ କାର୍ଯ୍ୟକ୍ରମ ପାଇଁ ମଞ୍ଚ ନିର୍ମାଣ ସହ ରେଡ୍ କାର୍ପେଟ୍ ବିଛାଯାଉଛି। ନୌସେନାର ଯବାନମାନେ ବ୍ଲୁ ଫ୍ଲାଗ୍ ବିଚ୍‌ରେ ରିହର୍ସଲ କରିଛନ୍ତି। ଏହି କାର୍ଯ୍ୟକ୍ରମକୁ ଜନସାଧାରଣ ଓ ଭକ୍ତଙ୍କ ସମେତ ପର୍ଯ୍ୟଟକମାନେ ଉପଭୋଗ କରିପାରିବେ। ଏଥିଲାଗି ଦିଗବାରେଣି ଛକଠାରୁ ଷ୍ଟର୍ଲିଙ୍ଗ ମୁହାଣ ବେଳାଭୂମି ଓ ନୀଳାଦ୍ରି ବିଚରୁ ପେଣ୍ଠକଟା ବିଚ୍ ପର୍ଯ୍ୟନ୍ତ ବ୍ୟବସ୍ଥା କରାଯାଉଛି। ପୋଲିସ ପକ୍ଷରୁ ପୁରୀ ସହରରେ କଡ଼ା ସୁରକ୍ଷା ସହ ସ୍ୱତନ୍ତ୍ର ଟ୍ରାଫିକ ବ୍ୟବସ୍ଥା କରାଯିବ। ସୁରକ୍ଷା ଦୃଷ୍ଟିରୁ ୮୦ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ରହିବେ। ନୌସେନାର ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଦେଖିବା ପାଇଁ ଏବେ ପୁରୀବାସୀ ଓ ପର୍ଯ୍ୟଟକ ଉତ୍କଣ୍ଠାର ସହ ଚାହିଁବସିଛନ୍ତି।

# ୟୁଡିଆଇଏସ୍ଇ+ରେ ଛାତ୍ରୀଛାତ୍ରଙ୍କ ତଥ୍ୟ ଦେବାରେ ଅବହେଳା

ଭୁବନେଶ୍ୱର,୨୭।୧୧ (ସୁଚିସ୍ମିତା ସାହୁ)

■ତୃତୀୟଥର ଚିଠି ଲେଖିଲେ ନିର୍ଦ୍ଦେଶକ

■ଆଦୌ ତଥ୍ୟ ଦେଇନାହାନ୍ତି ୨୪୯ ଶିକ୍ଷାନୁଷ୍ଠାନ

ରାଜ୍ୟରେ ବହୁ ଉଚ୍ଚ ମାଧ୍ୟମିକ ଶିକ୍ଷାନୁଷ୍ଠାନ ୟୁଡିଆଇଏସ୍ଇ+ରେ ଛାତ୍ରୀଛାତ୍ରଙ୍କ ତଥ୍ୟ ଦେଉ ନାହାନ୍ତି। ଏଥିସହ ଅପାର ଆଇଡି ପ୍ରସ୍ତୁତିରେ ଶିକ୍ଷାନୁଷ୍ଠାନଗୁଡ଼ିକ ପଛଘୁଞ୍ଚା ଦେଉଛନ୍ତି। ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ଦୁଇଥର ଚିଠି ଓ ତାଗିଦା ପରେ ବି ତଥ୍ୟ ଦାଖଲ ହେଉ ନ ଥିବାରୁ ତୃତୀୟଥର ଲାଗି କଲେଜ ଅଧ୍ୟକ୍ଷଙ୍କୁ ଚିଠି ଲେଖିଛନ୍ତି ଶିକ୍ଷା ନିର୍ଦ୍ଦେଶକ ରଘୁରାମ ଆର୍. ଆୟାର।

ଚିଠି ଅନୁଯାୟୀ, ନିର୍ଦ୍ଦେଶାଳୟ ପକ୍ଷରୁ ଚଳିତମାସ ୧୪ ଓ ୨୧ ତାରିଖରେ ସାମ୍ସ ଅଧୀନରେ ଥିବା ସମସ୍ତ କଲେଜ ଅଧ୍ୟକ୍ଷଙ୍କୁ ଦୁଇଥର ପତ୍ର ଲେଖାଯାଇଥିଲା। ଏଥିସହିତ ବୈଠକରେ ଶିକ୍ଷାନୁଷ୍ଠାନ କର୍ତ୍ତୃପକ୍ଷ ଆବଶ୍ୟକ ତଥ୍ୟ ରଖିବା ପାଇଁ ତାଗିଦା କରାଯାଇଥିଲା। ହେଲେ ନଭେମ୍ବର ୧୪ ସୁଦ୍ଧା ୩୬୬ ଶିକ୍ଷାନୁଷ୍ଠାନ ଏହି ତଥ୍ୟ ରଖି ନ ଥିବାବେଳେ ପରବର୍ତ୍ତୀ ପର୍ଯ୍ୟାୟରେ ଏହି ସଂଖ୍ୟା ୩୦୭କୁ ଖସିଥିଲା। ତେବେ ବୁଧବାର ମିଳିଥିବା ତଥ୍ୟ ଅନୁସାରେ, ବର୍ତ୍ତମାନ ସୁଦ୍ଧା ୨୪୯ଟି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଏଦିଗରେ ତାଙ୍କର କାର୍ଯ୍ୟ ଆରମ୍ଭ କରିନାହାନ୍ତି। ଝାରସୁଗୁଡା ଜିଲାରେ ଆଦୌ ତଥ୍ୟ ଅପଡେଟ୍ କରାଯାଇ ନ ଥିବାବେଳେ ବାଲେଶ୍ୱର ଜିଲାର ସର୍ବାଧିକ ୨୩ଟି ଶିକ୍ଷାନୁଷ୍ଠାନ ଏଥିରୁ ବିରତ ରହିଛନ୍ତି। ମାଲକାନଗିରି, କନ୍ଧମାଳ, କେନ୍ଦୁଝର, ଗଜପତି, ଢେଙ୍କାନାଳ, ପୁରୀ, ସୁନ୍ଦରଗଡ, ଅନୁଗୋଳ, ନୂଆପଡ଼ା ଆଦି ଜିଲାରେ ମାତ୍ର ୧% ତଥ୍ୟ ଦାଖଲ କରାଯାଇଛି। ଏହାକୁ ନେଇ ଆୟାର ଅସନ୍ତୋଷ ବ୍ୟକ୍ତ କରିବା ସହିତ ତୁରନ୍ତ ତଥ୍ୟ ପ୍ରଦାନ ଲାଗି ସମସ୍ତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

# ମହାପ୍ରଭୁଙ୍କର ହେଲା ବନକଲାଗି

ପୁରୀ,୨୭।୧୧ (ଅଜିତ୍ କୁମାର ମହାନ୍ତି)



ଶ୍ରୀମନ୍ଦିରରେ ବୁଧବାର ମହାପ୍ରଭୁଙ୍କ ବନକଲାଗି (ଶ୍ରୀମୁଖ ଶୃଙ୍ଗାର) ନୀତି ସମ୍ପନ୍ନ ହୋଇଛି। ଏହି ନୀତି ସମୟରେ ଶ୍ରୀମନ୍ଦିରରେ ସର୍ବସାଧାରଣ ଦର୍ଶନ ବନ୍ଦ ରହିଥିଲା। ଦ୍ୱିତୀୟ ଭୋଗ ମଣ୍ଡପ ସମ୍ପନ୍ନ ହୋଇ ପାଣି ପଡ଼ି ମଇଲମ, ତଡ଼ପଲାଗି ଓ ପହୁଡ଼ ଆଳତି ସରିବା ପରେ ଜୟବିଜୟ ଦ୍ୱାର ବନ୍ଦ କରାଯାଇଥିଲା। ବନକଲାଗି ନୀତି ସମ୍ପାଦନ ପାଇଁ ସନ୍ଧ୍ୟା ୬ଟାରେ ଦତ୍ତମହାପାତ୍ର ସେବକମାନେ ଗର୍ଭଗୃହକୁ ପ୍ରବେଶ କରିଥିଲେ। ସେମାନେ ଶ୍ରୀବିଗ୍ରହମାନଙ୍କର ଶ୍ରୀମୁଖ ଶୃଙ୍ଗାର କରି ବାହାରିବା ପରେ ମହାସ୍ନାନ ନୀତି ସମ୍ପନ୍ନ କରାଯାଇଥିଲା। ଏହାପରେ ମହାପ୍ରଭୁଙ୍କ ଦର୍ଶନ ପୁନର୍ବାର ଆରମ୍ଭ ହୋଇଥିଲା।

**ସେଲ୍ଫି କର୍ଣ୍ଣର ଧରିତ୍ରୀ**

**ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି**

metroselfie@gmail.com



@ ବିବେକ



@ ପ୍ରଦୀପ



@ ଯଯାତି



@ ପ୍ରଦ୍ୟୁମ୍ନ



@ ଶୈଳେନ୍ଦ୍ର

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# କାର୍–ବାଇକ୍ ଧକ୍କା, ୨ ଗୁରୁତର

ବେଗୁନିଆ,୨୭।୧୧ (ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ଥାନା ଅଧୀନ ଗଡ଼ତରା ଛକ ନିକଟରେ କାର୍ ଓ ବାଇକ୍ ମୁହାଁମୁହିଁ ଧକ୍କା ହେବାରୁ ୨ ଜଣ ଗୁରୁତର ହୋଇଛନ୍ତି। ସେମାନଙ୍କୁ ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି। କଟକ ଜିଲା ଡାହାଳିଆବାଗ ଅଞ୍ଚଳର ମଧୁସୂଦନ ମହାରଣା ନୟାଗଡ଼ ଅଭିମୁଖେ ଯାଉଥିଲେ। ବିପରୀତ ଦିଗରୁ ଭୁବନେଶ୍ୱର ଅଭିମୁଖେ ଆସୁଥିବା ଏକ କାର୍ ସହ ତାଙ୍କର ଧକ୍କା ହୋଇଥିଲା। ଫଳରେ କାର୍‌ରେ ଥିବା ଦମ୍ପତି ମନୋଜ କୁମାର ମିଶ୍ର ଓ ସବିତାରାଣୀ ଗୁରୁତର ହୋଇଥିବାବେଳେ ସବିତାରାଣୀଙ୍କ ମୁଣ୍ଡ ଫାଟି ଯାଇଥିଲା। ସ୍ଥାନୀୟ ଲୋକେ ଅଗ୍ନିଶମ ବାହିନୀ ଓ ପୋଲିସକୁ ଖବର ଦେଇଥିଲେ। ପରେ ଅଗ୍ନିଶମ ଅଧିକାରୀ ତପନ ମହାନ୍ତି କର୍ମଚାରୀଙ୍କ ସହ ଘଟଣାସ୍ଥଳରେ ପହଞ୍ଚି ଆହତଙ୍କୁ ଚିକିତ୍ସା ପାଇଁ ବେଗୁନିଆ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ିବାରୁ ସେମାନଙ୍କୁ ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

# ୟୁପିଇଏସ୍ ବିଶ୍ୱବିଦ୍ୟାଳୟରୁ ଅଚ୍ୟୁତ ସାମନ୍ତଙ୍କୁ ଡକ୍ଟରେଟ୍



ଭୁବନେଶ୍ୱର,୨୭।୧୧ (ଅନୁରାଧା ମହାରଣା)

ଉତ୍ତରାଖଣ୍ଡ ଡେରାଡୁନ୍‌ସ୍ଥିତ ୟୁପିଇଏସ୍ ବିଶ୍ୱବିଦ୍ୟାଳୟ ପକ୍ଷରୁ କିଟ୍ ଓ କିସ୍ ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତଙ୍କୁ ସମ୍ମାନସୂଚକ ଡକ୍ଟରେଟ୍ ପ୍ରଦାନ କରାଯାଇଛି। ମଙ୍ଗଳବାର ବିଶ୍ୱବିଦ୍ୟାଳୟର ୨୨ତମ ସମାବର୍ତ୍ତନ ସମାରୋହରେ ଡ. ସାମନ୍ତଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି। ଶିକ୍ଷା ଜରିଆରେ ସମାଜର ବିକାଶ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ସାମନ୍ତଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଥିବା ବିଶ୍ୱବିଦ୍ୟାଳୟ ପକ୍ଷରୁ କୁହାଯାଇଛି। ସମ୍ମାନ ଗ୍ରହଣ କରି ଡ. ସାମନ୍ତ କହିଲେ, ବିଗତ ୩୩ବର୍ଷ ଧରି ମୁଁ ନିରନ୍ତର ସମାଜସେବା କରିଆସୁଛି। ଏହି ୬୧ତମ ସମ୍ମାନସୂଚକ ଡକ୍ଟରେଟ ନିଶ୍ଚିତ ଭାବେ ସବୁଦିନ ପାଇଁ ସ୍ମୃତି ହୋଇ ରହିବ। ସୂଚନାଯୋଗ୍ୟ, ସମାରୋହରେ ବ୍ରିଟିଶ୍ ପାର୍ଲାମେଣ୍ଟର ସାଂସଦ ଲର୍ଡ କରଣ ବିଲିମୋରିଆଙ୍କୁ ମଧ୍ୟ ସମ୍ମାନସୂଚକ ଡକ୍ଟରେଟ ପ୍ରଦାନ କରାଯାଇଥିଲା।

# ଓଡ଼ିଶା ମଣ୍ଡପକୁ ରୌପ୍ୟ ପୁରସ୍କାର

**୪୩ତମ ଭାରତ ଅନ୍ତର୍ଜାତୀୟ ବାଣିଜ୍ୟ ମେଳା**

ଭୁବନେଶ୍ୱର,୨୭।୧୧ (ଅନୁରାଧା ମହାରଣା)



ଅନ୍ୟମାନଙ୍କ ଉପସ୍ଥିତିରେ ଓଡ଼ିଶାର ପ୍ରମୁଖ ଆବାସିକ ଆୟୁକ୍ତ ବିଶାଳ ଗଗନ ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି।

ନୂଆଦିଲ୍ଲୀସ୍ଥିତ ଭାରତ ମଣ୍ଡପମ୍‌ଠାରେ ଚାଲିଥିବା ‘୪୩ତମ ଭାରତ ଅନ୍ତର୍ଜାତୀୟ ବାଣିଜ୍ୟ ମେଳା ୨୦୨୪’ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଏହି ମେଳାରେ ଶ୍ରେଷ୍ଠ ପ୍ରଦର୍ଶନ ଲାଗି ‘ଓଡ଼ିଶା ମଣ୍ଡପ’କୁ ରୌପ୍ୟ ପଦକ ମିଳିଛି। ନୂଆଦିଲ୍ଲୀରେ ଅବସ୍ଥାପିତ ଓଡ଼ିଶାର ପ୍ରମୁଖ ଆବାସିକ ଆୟୁକ୍ତ ବିଶାଳ ଗଗନ ଏହି ପୁରସ୍କାର ଗ୍ରହଣ କରିଥିଲେ। ସେ ଭାରତ ବାଣିଜ୍ୟ ପ୍ରୋତ୍ସାହନ ସଙ୍ଗଠନର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ପ୍ରଦୀପ ସିଂହ ଖରୋଲାଙ୍କଠାରୁ ପୁରସ୍କାର ଗ୍ରହଣ ସମୟରେ ରାଜ୍ୟ ସୂଚନା ଓ ଲୋକ ସମ୍ପର୍କ ବିଭାଗର ଅତିରିକ୍ତ ନିର୍ଦ୍ଦେଶକ ସନ୍ତୋଷ କୁମାର ଦାସ, ‘ଓଡ଼ିଶା ମଣ୍ଡପ’ର ନିର୍ଦ୍ଦେଶକ ଅଶ୍ୱିନୀ କୁମାର ଭୋଇ, ପ୍ରଦର୍ଶନୀ ଅଧିକାରୀ ଦୀପକ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଏହାକୁ ମିଶାଇ ଓଡ଼ିଶା ଲଗାତାର ତୃତୀୟଥର ପାଇଁ ଭାରତ ଅନ୍ତର୍ଜାତୀୟ ବାଣିଜ୍ୟ ମେଳା ମଞ୍ଚରେ ପୁରସ୍କାର ପାଇଛି।

ନଭେମ୍ବର ୧୪ରୁ ଭାରତ ଅନ୍ତର୍ଜାତୀୟ ବାଣିଜ୍ୟ ମେଳା ଆରମ୍ଭ ହୋଇଥିଲା। ‘ବିକଶିତ ଭାରତ, ବିକଶିତ ଓଡ଼ିଶା ଥିମ୍‌ରେ ‘ଓଡ଼ିଶା ମଣ୍ଡପ’ର ଡିଜାଇନ କରାଯାଇଥିଲା। ଏଥିରେ ରାଜ୍ୟର ପ୍ରାଚୀନ କୀର୍ତ୍ତିରାଜି ସହ ଭାରତର ଆଧୁନିକ ବିଜ୍ଞାନ ଓ କାରିଗରିର ଯାତ୍ରା ପ୍ରତିଫଳିତ ହୋଇଥିଲା। ଓଡ଼ିଶାର ମନ୍ଦିର ଭାସ୍କର୍ଯ୍ୟର ମୁଖଶାଳା ମୁକ୍ତେଶ୍ୱର ତୋରଣ, କୋଣାର୍କ ମନ୍ଦିରର ପ୍ରତିରୂପ, ରତ୍ନଗିରିର ବୌଦ୍ଧ କୀର୍ତ୍ତିରାଜି ସହ ଅତ୍ୟାଧୁନିକ ବୁଲେଟ ଟ୍ରେନ ଏବଂ ଶିଳ୍ପ ପ୍ରଗତିର ଚିତ୍ର ଓଡ଼ିଶା ମଣ୍ଡପକୁ ଅଧିକ ଆକର୍ଷଣୀୟ କରିଥିଲା। ଓଡ଼ିଶା ସରକାରଙ୍କ ସୂଚନା ଓ ଲୋକ ସମ୍ପର୍କ ବିଭାଗ ତତ୍ତ୍ୱାବଧାନରେ ପ୍ରସ୍ତୁତ ଓଡ଼ିଶା ପାଭିଲିୟନରେ ଚଳିତବର୍ଷ ବିଭିନ୍ନ ବିଭାଗ ପକ୍ଷରୁ ମୋଟ ୨୫ଟି ଷ୍ଟଲ ସ୍ଥାନ ପାଇଥିଲା। ଓଡ଼ିଶା ମଣ୍ଡପକୁ ପ୍ରାୟ ୫ ଲକ୍ଷରୁ ଅଧିକ ଲୋକ ଆସିଥିବା ବେଳେ ୫୫ ଲକ୍ଷରୁ ଅଧିକ ଟଙ୍କାର ବ୍ୟବସାୟ ହୋଇଥିଲା। ଓଡ଼ିଶାର କାରିଗରଙ୍କ ଦ୍ୱାରା ପ୍ରସ୍ତୁତ ସାମଗ୍ରୀ ଓ ଉତ୍ପାଦ ପ୍ରତି ଦେଶ ବିଦେଶର ବହୁ ବ୍ୟବସାୟୀ ଆକୃଷ୍ଟ ହୋଇ ସେମାନଙ୍କ ସହିତ ବ୍ୟବସାୟିକ ବାର୍ତ୍ତାଳାପ କରିଥିଲେ।

